
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୧ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 APRIL 2024

Vol.No. 35 ■ No.89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଘରକୁ ଯାଇ ଆଡଭାନୀଙ୍କୁ ଭାରତରତ୍ନରେ ସମ୍ମାନିତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୩୧/୩ : ଦେଶର ସର୍ବୋଚ୍ଚ ନଗରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ ହେଲେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ। ତାଙ୍କ ବାସଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଏହି ସମୟରେ ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ। ଆଡଭାନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରାଷ୍ଟ୍ରପତି ନିଜେ ତାଙ୍କ ଘରକୁ ଯାଇ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଫେବ୍ରୁଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାରତ ରତ୍ନ ଦେବା ପାଇଁ ଘୋଷଣା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତଥା ବିଜେପିର ସଂସ୍ଥାପକ ନାନା ଜୀ ଦେଶମୁଖଙ୍କ ପରେ ଏହି ସମ୍ମାନ ପାଇବାରେ ଆଡଭାନୀ ହେଉଛନ୍ତି ବିଜେପି ଏବଂ ଆରଏସଏସ ସହ ଜଡିତ ତୃତୀୟ ନେତା। ଶନିବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୪ ଜଣ ବ୍ୟକ୍ତି ବିଶେଷଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଧ, ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଓ କୃଷି ବୈଜ୍ଞାନିକ ଡଃ.ଏମ୍‌ଏସ୍ ସ୍ୱାମୀନାଥନ ସାମିଲ ଥିଲେ। ତେବେ ସ୍ୱାସ୍ଥାବସ୍ଥା ଠିକ ନଥିବାରୁ ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଉପସ୍ଥିତ ହୋଇ ପାରିନଥିଲେ ଆଡଭାନୀ।

## ମ୍ୟାଚ୍ ଫିକ୍ସିଂ ହୋଇଛି, ନହେଲେ ୪୦୦ ପାର୍ ନାରା ସମ୍ଭବ ନୁହେଁ: ରାହୁଲ



ନୂଆଦିଲ୍ଲୀ, ୩୧/୩ : ବିଜେପିର ୪୦୦ ପାର୍ ନାରାକୁ ଟାର୍ଗେଟ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ମ୍ୟାଚ୍ ଫିକ୍ସିଂ ବିନା ଦଳର '୪୦୦ ପାର୍ ନାରା ସମ୍ଭବ ନୁହେଁ' ବୋଲି ରାହୁଲ ଗାନ୍ଧୀ କଟାକ୍ଷ କରି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, '୪୦୦ ପାର' କରିବା ପାଇଁ ପ୍ରଧାନମନ୍ତ୍ରୀ 'ଅମ୍ପାୟାର' ମଧ୍ୟ ଚୟନ କରି ରଖିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧରେ ଆୟୋଜନ ହୋଇଥିବା ରାଲିକୁ ସମ୍ବୋଧିତ କରି ଏପରି କହିଛନ୍ତି ରାହୁଲ ଗାନ୍ଧୀ। ସେ କହିଛନ୍ତି, 'ଇଭିଏମ୍, ମ୍ୟାଚ୍ ଫିକ୍ସିଂ, ସୋଶାଲ୍ ମିଡିଆ ଏବଂ ଗଣମାଧ୍ୟମ ଉପରେ ଚାପ ନପକାଇ ସେମାନେ (ବିଜେପି) ୧୮୦ରୁ ଅଧିକ ସିଟ୍ ଜିତି ପାରିବେ ନାହିଁ।' ଏବେ ଆଇପିଏଲ୍ ମ୍ୟାଚ୍ ଚାଲିଛି। ଯେତେବେଳେ ଅମ୍ପାୟାରଙ୍କ ଉପରେ ଚାପ ପଡ଼େ, ଖେଳାଳି କିଣାଯାଏ ଏବଂ ଅଧିନାୟକଙ୍କୁ ମ୍ୟାଚ୍ ଜିତିବାକୁ ଧମକ ଦିଆଯାଏ, ଏହାକୁ କ୍ରିକେଟରେ ମ୍ୟାଚ୍ ଫିକ୍ସିଂ କୁହାଯାଏ। ଆମ ଆଗରେ ଲୋକସଭା ନିର୍ବାଚନ ଅଛି; ଅମ୍ପାୟାରମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଚୟନ କରାଯାଇଛି। ମ୍ୟାଚ୍ ପୂର୍ବରୁ ଆମ ଦଳର ଦୁଇ ଜଣ ଖେଳାଳିଙ୍କୁ ଗିରଫ କରାଯାଇଛି ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ହେଉଛି ପ୍ରମୁଖ ବିରୋଧୀ ଦଳ। କିନ୍ତୁ ନିର୍ବାଚନ ସମୟରେ ଆମର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛି। ▶▶ପୃଷ୍ଠା ୭

## ବିଜେପିରେ ମିଶିଲେ ଆକାଶ ଦାସ ନାୟକ



ଭୁବନେଶ୍ୱର, ୩୧/୩ (ନି.ପ୍ର): ଶନିବାର ବିଜେଡିରୁ ଇସ୍ତଫା ଦେଇଥିଲେ ଆକାଶ ଦାସ ନାୟକ। ଆଜି ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଛି। ତାଙ୍କ ସହ ବହୁ କର୍ମୀ ମଧ୍ୟ ବିଜେପିରେ ସାମିଲ୍ ହୋଇଛନ୍ତି। ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଅରିନ୍ଦମ ରାୟ, ସିଦ୍ଧାନ୍ତ ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ବିଜେପିରେ ଯୋଗଦେବା ପରେ ଆକାଶ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ▶▶ପୃଷ୍ଠା ୭

## ଲୋକସଭା ନିର୍ବାଚନ: ୫ଟି ଦାବି ରଖିଲା ଇଣ୍ଡିଆ ବ୍ଲକ୍



ନୂଆଦିଲ୍ଲୀ, ୩୧/୩ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଥିପାଇଁ ଆରମ୍ଭ ହୋଇଗଲାଣି କସରତ। ଆଜି ରାଜଧାନୀ ଦିଲ୍ଲୀର ରାମଲଲା ମୈଦାନରେ ଆୟୋଜିତ ହୋଇଥିବା ମହାରାଲିରେ ନିର୍ବାଚନ ଆୟୋଗଙ୍କ ନିଟରେ ଇଣ୍ଡିଆ ବ୍ଲକ ୫ଟି ବଡ଼ ଦାବି ରଖିଛି। ଇଣ୍ଡିଆ ବ୍ଲକର ରାଲିକୁ ସମ୍ବୋଧିତ କରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ନିର୍ବାଚନ ଆୟୋଗଙ୍କ ନିକଟରେ ୫ଟି ଦାବି ରଖିଛନ୍ତି। ଲୋକସଭା ନିର୍ବାଚନରେ ଯେପରି ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ତାହା ନିର୍ବାଚନ ଆୟୋଗ ସୁନିଶ୍ଚିତ କରିବା ଉଚିତ। ନିର୍ବାଚନ ଆୟୋଗ ବିରୋଧୀ ଦଳଙ୍କ ବିରୋଧରେ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ନିଆଯାଇଥିବା କାର୍ଯ୍ୟକୁ ବନ୍ଦ କରିବା ଉଚିତ। ପୂର୍ବତନ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ବିଜେପିକୁ କଡ଼ା ଚ୍ୟାଲେଞ୍ଜ ଦେଲେ ମମତା



ନୂଆଦିଲ୍ଲୀ, ୩୧/୩ : ପାଖେଇ ଆସିଲାଣି ଲୋକସଭା ନର୍ବାଚନ। ଏଥିପାଇଁ ଜୋରସୋରରେ ଲାଗି ପଡିଛନ୍ତି ସମସ୍ତ ରାଜନୈତିକ ଦଳ। ଏହାର ଭିତରେ ଆରୋପ ପ୍ରତ୍ୟେରୋପ ମଧ୍ୟ ଆରମ୍ଭ ହୋଇସାରିଛି। ଏହିକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଦେଇଛି ଖୋଲା ଚ୍ୟାଲେଞ୍ଜ। ବିଜେପିର ୪୦୦ ପାର ନାରାକୁ ନେଇ ସେ କରିଛନ୍ତି ଉପହାସ। ରବିବାର ଏକ ରାଲିକୁ ସମ୍ବୋଧିତ କରି ମମତା କହିଛନ୍ତି, 'ବିଜେପି ୪୦୦ରୁ ଅଧିକ ଆସନରେ ଜିତିବ ବୋଲି ଦାବି କରୁଛି। ମୁଁ ସେମାନଙ୍କୁ ପ୍ରଥମେ ୨୦୦ଆସନରେ ବିଜୟୀ ହୋଇ ଦେଖାଇବାକୁ ▶▶ପୃଷ୍ଠା ୭

## ବିଜେଡିରେ ମିଶିଲେ ଚିରଞ୍ଜୀବ ବିଶ୍ୱାଳ



ଭୁବନେଶ୍ୱର, ୩୧/୩ (ନି.ପ୍ର): ଗତକାଲି କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖ ଭବନରେ ସାଂସଦ ସସ୍ମିତ ପାତ୍ର ଓ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ଚିରଞ୍ଜୀବ ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ମିଶିବା ପରେ ଚିରଞ୍ଜୀବ ବିଶ୍ୱାଳ କହିଥିଲେ, ନବୀନଙ୍କ ନେତୃତ୍ୱ ଓ ୨୫ ବର୍ଷର ଜନାଭିମୁଖୀ କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ବିଜେଡିକୁ ଆସିଛି। ଏଥର ୧୨୦ରୁ ଅଧିକ ବିଧାୟକ ଓ ୧୫ରୁ ଅଧିକ ସାଂସଦଙ୍କୁ ଜିତେଇବାରେ ସହଯୋଗ କରିବୁ। ଚିରଞ୍ଜୀବ ଦୁଇ ଥର କଂଗ୍ରେସ ▶▶ପୃଷ୍ଠା ୭

## ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଯାଏଁ ହ୍ରାସ ପାଇବ

ଭୁବନେଶ୍ୱର, ୩୧/୩ (ନି.ପ୍ର): ଆଜି ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱର ଓ କଟକ ସହିତ ଅନ୍ୟ କିଛି ସ୍ଥାନରେ ପାଗ ମେଘୁଆ ରହିଛି। ଛତିଶଗଡ଼ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଏବଂ କାଳବୈଶାଖୀ ପ୍ରଭାବରେ ପାଗ ମେଘୁଆ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୨୪ ଘଣ୍ଟାରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୪ ଡିଗ୍ରୀ ଯାଏଁ ହ୍ରାସ ପାଇବାର ସମ୍ଭାବନା ଥିବାବେଳେ ପରବର୍ତ୍ତୀ ୨ ଦିନ ମଧ୍ୟରେ ପୁଣି ୩ ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗତକାଲି ରାଜ୍ୟର ୫ଟି ସ୍ଥାନରେ ଦିନର ସର୍ବୋଚ୍ଚ ▶▶ପୃଷ୍ଠା ୭


DADLS-105






ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ -୨୦୨୪ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR: 15001/13/0923/2324


## ଟିକେଟ୍ ଘୋଷଣାକୁ ନେଇ ଦୋଛକିରେ ତିନି ଦଳ



ଭୁବନେଶ୍ୱର, ୩୧/୩ (ନି.ପ୍ର): ମାର୍ଚ୍ଚ ୨୭ରେ ଆସିଲା ବିଜେଡିର ପ୍ରଥମ ପ୍ରାର୍ଥୀ ତାଲିକା। ଦୁଇ ଦଫାରେ ୧୫ ଜଣିଆ ଲୋକସଭା ପ୍ରାର୍ଥୀ ଓ ୭୨ ବିଧାନସଭା ପ୍ରାର୍ଥୀଙ୍କ ନାଁ। ହେଲେ ଏପଟେ ଯେମିତି ଦଳରୁ ଅସନ୍ତୁଷ୍ଟ ନେତାଙ୍କ ଘଳିଆ ପଡ଼ିଗଲାଣି। ଦଳ ଛାଡୁଛନ୍ତି ଜଣଙ୍କ ପରେ ଜଣେ ସାଂସଦ, ବିଧାୟକ, ନେତା। ଆଉ ପ୍ରାୟ ସମସ୍ତେ ସିଧା ମାରୁଛନ୍ତି ପଦ୍ମ ପୋଖରୀକୁ ଡିଆଁ। ଏଇ ଯେମିତି କାଲି ଶଙ୍ଖ ଛାଡୁ ଛାଡୁ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପଦ୍ମ ଧରିଥିଲେ। ଆଉ ଆଜି ପଦ୍ମ ଗାମୁଛା ବେକରେ ପକେଇଛନ୍ତି କାଲି ବିଜେଡି ଛାଡ଼ିଥିବା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ। ତେଣେ ଦଳରେ ବଢୁଥିବା ଅସନ୍ତୋଷକୁ ନେଇ ଟେନସନରେ ବିଜେଡି ଦଳପତି। କୁହାଯାଉଛି ଏଣିକି ବିଜେପି ତାଲିକାକୁ ଦେଖି ଦଳ ତାର ପରବର୍ତ୍ତୀ ପ୍ରାର୍ଥୀ ଘୋଷଣା କରିବ। ସେଇଥିପାଇଁ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ୨୮ ବିଧାନସଭା ଆସନ ମଧ୍ୟରୁ ୯ଟି ସିଟ୍ ପାଇଁ ଯଦିଓ ଅଙ୍କକଷା ଶେଷ ହୋଇଛି ହେଲେ ତାଲିକା ପ୍ରକାଶ କରାଯାଉନି। ଏବେ ବି ବିବାଦ ଥିବା ନିର୍ବାଚନ ମଣ୍ଡଳୀର ନେତାଙ୍କୁ ଡାକି ନବୀନ ନିବାସରେ ଘନ ଘନ ବୁଝାସୁଝା ଚାଲିଛି। ସେହିପରି ବିଜେପି ଏହା ଭିତରେ ଦୁଇ ଦଫାରେ ସମସ୍ତ ୨୧ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣାକୁ ଝୁଲାଇ ରଖିଛି। କୁହାଯାଉଛି ପାଖାପାଖି ଶହେ ନାଁ ଚୂଡ଼ାନ୍ତ ହୋଇଥିଲା ବେଳେ ବାକି ଆସନକୁ ନେଇ ଅଙ୍କକଷା ଜାରି ରହିଛି। ଅନ୍ୟପଟେ ମାର୍ଚ୍ଚ ପ୍ରଥମ ସପ୍ତାହରେ ୬୦ନାଁ ଘୋଷଣା କରିବାକୁ କହିଥିବା କଂଗ୍ରେସ କିନ୍ତୁ ମାସ ପୂରିଗଲା ସିନା ଜଣେ ବି ପ୍ରାର୍ଥୀଙ୍କ ନାଁ ଘୋଷଣା କରି ପାରିଲାନି। ଏସବୁ ଭିତରେ ଟିକେଟ୍ ଘୋଷଣାକୁ ନେଇ ତିନି ଦଳରେ ରାଜନୈତିକ ବୟାନବାଜି ବି ତେଜିଛି। ସସ୍ମିତ ପାତ୍ର ବିଜେଡି ସାଂସଦ କହିଛନ୍ତି, ପ୍ରାର୍ଥୀ ନଥିବାରୁ ପଦ୍ମଦଳ ଏଯାଏଁ ଗୋଟିଏ ବି ବିଧାନସଭା ଆସନରେ ପ୍ରାର୍ଥୀ ଦେଇ ପାରିନି। ସମୀର ମହାନ୍ତି ପୂର୍ବତନ ରାଜ୍ୟ ସଭାପତି ବିଜେପି କହିଛନ୍ତି, କାହାର ସାର୍ଟିଫିକେଟ୍ ଆମର ଦରକାର ନାହିଁ। ସରକାରକୁ କ୍ଷମତାରୁ ହଟାଇବାକୁ ଦଳ ପାଖରେ ବଛାବଛା ପ୍ରାର୍ଥୀ ଅଛନ୍ତି। ଶରତ ପଟ୍ଟନାୟକ ପିସିସି ସଭାପତି କହିଛନ୍ତି, ସେଇ ଘୋଷା, ନାଁ ପଠେଇଛୁ, ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ।

## କାର ମଡ଼ାଇ ହତ୍ୟା ଅଭିଯୋଗରେ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୩୧/୩ (ନି.ପ୍ର): ରାଜଧାନୀରେ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିଛି ପୁଲିସ। ଦୁର୍ଘଟଣାରେ ଜୀବନ ଯାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଦିଲ୍ଲିପ ପରିଡ଼ା ଘର ଯାଜପୁର ଜିଲ୍ଲା ସୁନାପାଳ ବିଞ୍ଝାରପୁର ଅଞ୍ଚଳରେ। ସେ ଭୁବନେଶ୍ୱର ସହୀଦ ନଗର ପଣ୍ଡାପାର୍କ କଡ଼ରେ ରହି ଏକ ଚା' ଦୋକାନ ଚଳାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲିପ ନିଜ ଦୋକାନକୁ ଯିବା ସମୟରେ ଏକ ଦ୍ରୁତଗାମୀ କାର ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ରକ୍ତାକ୍ତ ହୋଇ ପଡ଼ିଗଲେ ଦିଲ୍ଲିପ। ତେବେ ଦୁର୍ଘଟଣା ଘଟାଇଥିବା କାରଟି ସେଠାରୁ ପଳାଇଥିଲା। ଏନେଇ ଖବରପାଇ ଘଟଣା ସ୍ଥଳରେ ପୁଲିସ? ପହଞ୍ଚି ଦିଲ୍ଲିପକୁ ଉଦ୍ଧାର ▶▶ପୃଷ୍ଠା ୭

# ରାଜ୍ୟ ଷ୍ଟିୟରିଂ କମିଟି ବୈଠକ : ଭିନ୍ନକ୍ଷମ ମତଦାତାଙ୍କ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୩୧/୩ (ନି.ପ୍ର): ଦେଶରେ ଆସନ୍ତା ସାଧାରଣ ନିର୍ବାଚନ-୨୦୨୪କୁ ଏକ ସମ୍ମିଳିତ ମତଦାନର ପର୍ବ ରୂପେ ପାଳନ କରିବା ପାଇଁ ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ସେହି କ୍ରମରେ ଓଡ଼ିଶାରେ ନିର୍ବାଚନ ପ୍ରକ୍ରିୟାରେ ସବୁବର୍ଗର ମତାଦାତାଙ୍କୁ ଯେଭଳି ଭାବରେ ସାମିଲ କରାଯାଇପାରିବ ସେହି ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ 'ରାଜ୍ୟ ଷ୍ଟିୟରିଂ କମିଟି ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ 'ଭିନ୍ନକ୍ଷମ ମତଦାତା'ମାନଙ୍କ ପାଇଁ ମତଦାନ ପ୍ରକ୍ରିୟାକୁ ସୁଗମ କରିବା ବିଷୟରେ ଆଲୋଚନା ହୋଇଥିଲା।

ମତଦାତା ତାଲିକାରେ ଭିନ୍ନକ୍ଷମ ମତଦାତାଙ୍କୁ ସାମିଲ କରିବାରେ ଓଡ଼ିଶାର ହାର ଜାତୀୟ ହାରଠୁ ଉପରେ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୫.୪୭ ଲକ୍ଷ ଭିନ୍ନକ୍ଷମ ଭୋଟର ମତଦାନ ପାଇଁ ମାର୍କିଂ ହୋଇଛନ୍ତି। ସେମାନଙ୍କୁ ସମସ୍ତଙ୍କୁ ଘରୁ ମତଦାନ କେନ୍ଦ୍ରକୁ ଆଣିବା ଓ ମତଦାନ କେନ୍ଦ୍ରରୁ ନେଇ ଘରେ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ରରେ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ହ୍ୱିଲ୍ ଚେୟାରର ବନ୍ଦୋବସ୍ତ କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରରେ ହ୍ୱିଲ୍ ଚେୟାର ନେବା ପାଇଁ ସ୍ୱତନ୍ତ୍ର ର୍ୟାମ୍ପର ବ୍ୟବସ୍ଥା ରହିବ। ସମସ୍ତ ବୁଥ୍ ରେ ଭିନ୍ନକ୍ଷମ ମତଦାତାମାନେ ଅଗ୍ରାଧିକାର ଭିତିରେ ମତଦାନ କରିବେ। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୧୪ରୁ ୧୮ ବର୍ଷ ବୟସର ସ୍ୱେଚ୍ଛାସେବୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଉଛି। ଜିଲ୍ଲାସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ ସମୟରେ ମଧ ଭିନ୍ନକ୍ଷମ ମତଦାତାମାନଙ୍କୁ ଅଗ୍ରାଧିକାର ଭିତିରେ ସୁଗମ ମତଦାନର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରାଯାଇଛି। ଦୃଷ୍ଟିବାଧିତ ମତଦାତାଙ୍କ ପାଇଁ ବ୍ରେଲି ଅକ୍ଷରରେ ମୁଦ୍ରିତ ବାଲାଟ ପେପର ସମସ୍ତ ବୁଥ୍ ରେ ରଖାଯିବ। ମତଦାନ ପାଇଁ ରାଜ୍ୟର ସମସ୍ତ ବୁଥ୍ କୁ ତଳମହଲାରେ କରାଯାଇଛି। ଯେଉଁ ଭିନ୍ନକ୍ଷମ ମତଦାତାଙ୍କର ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ବେଂଚମାର୍କ ଭିନ୍ନକ୍ଷମତା ରହିଥିବ ଏବଂ ତତ୍ ସଂକ୍ରାନ୍ତୀୟ ପ୍ରମାଣପତ୍ର ଥିବ ସେମାନେ ଫର୍ମ ୧୨ (ଡି) ମାଧ୍ୟମରେ ଆବେଦନ କରି ନିଜ ଘରେ ଥାଇ ପୋଷ୍ଟାଲ ବାଲାଟ୍ ଜରିଆରେ ମତଦାନ କରିପାରିବେ। ଏହି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଦ୍ୱାରା ସମସ୍ତ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ସୁଗମ ମତଦାନର ପରିବେଶ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ମତ ରଖିଛନ୍ତି ।

ସମସ୍ତ ବିଭାଗ ରାଜ୍ୟସ୍ତରରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମନ୍ୱିତ ଭାବରେ କାର୍ଯ୍ୟକରି ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସମସ୍ତ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ସୁଗମ ଓ ସ୍ମରଣୀୟ ମତଦାନର ବ୍ୟବସ୍ଥା ଦ୍ୱାରା ଗଣତନ୍ତ୍ରର ମହାପର୍ବରେ ସହଭାଗିତା ଓ ସମଭାଗିତାର ପରିବେଶ ସୃଷ୍ଟି କରିବା ପାଇଁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିଲେ । ଏସବୁ ବ୍ୟବସ୍ଥା ଦ୍ୱାରା ହିଁ 'ପ୍ରତିଟି ଭୋଟ ମୂଲ୍ୟବାନ'ର ଲକ୍ଷ୍ୟ ହାସଲ ହୋଇପାରିବ ଓ ନିର୍ବାଚନ ଦେଶର ଜାତୀୟ ଉତ୍ସବ ରୂପେ ପ୍ରତିଷ୍ଠିତ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଉଲ୍ଲେଖ କରିଥିଲେ।

ରାଜ୍ୟ ଷ୍ଟିୟରିଂ କମିଟିର ଏହି ବୈଠକରେ କମିଟିର ସଭ୍ୟା ଡ. ଶ୍ରୁତି ମହାପାତ୍ର ଆଭାସି ମାଧ୍ୟମରେ ସାମିଲ ହୋଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏହି ସମସ୍ତ ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିବା ସହିତ ଜିଲ୍ଲାସ୍ତରୀୟ କମିଟିରେ ଏସବୁ ନେଇ ଉଚିତ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଦେଇଥିଲେ ।

ବୈଠକ ପ୍ରାରମ୍ଭରେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀମତୀ ପଦ୍ମଜା ଦାସ ଏକ ପିପିଟି ପ୍ରେଜେଂଟେସନ୍ ମାଧ୍ୟମରେ ସମ୍ମିଳିତ ଭୋଟର ତାଲିକା ଓ ଭିନ୍ନକ୍ଷମ ମତଦାତା ସଂକ୍ରାନ୍ତୀୟ ବିଭିନ୍ନ ତଥ୍ୟ ରଖିଥିଲେ । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ମିହିର ମହାନ୍ତି, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଓସେପା ଆଦିର ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଋଷିକୁଲ୍ୟାର ୧୬୫କିମି ଶଯ୍ୟା ଶୁଖିଲା: ପ୍ରଥମ ଥର ବାରୁଣୀ ବୁଡ଼ରେ ପାଣି ସଂକଟ

ବ୍ରହ୍ମପୁର, ୩୧/୩ (ନି.ପ୍ର): ଗ୍ରୀଷ୍ମ ଆରମ୍ଭରୁ ଗଞ୍ଜାମ ଜିଲ୍ଲାରେ ଜଳ ସଂକଟ ଉଗ୍ର ରୂପ ନେଲାଣି। ଅଧିକାଂଶ ନଈ, ପୋଖରୀ ଶୁଖିଗଲାଣି। ସେହିପରି ଗଞ୍ଜାମ ଜିଲ୍ଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ନଦୀ ମଧ ଶୁଖିଲା। ଗାଁ ଗାଁରେ ଜଳ ସଂକଟ ଉତ୍କଟ ହୋଇଛି। ପ୍ରତିଦିନ କେଉଁଠି ନା କେଉଁଠି ପାଣି ପାଇଁ ହାଣ୍ଡିମାଠିଆ ଧରି ବିକ୍ଷୋଭ, ରାସ୍ତାରୋକ। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ? ଋଷିମାଳ ପର୍ବତମାଳାରୁ ବାହାରିଥିବା ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲ୍ଲାରେ ୧୬୫ କିଲୋମିଟର ଅତିକ୍ରମ କରି ସମୁଦ୍ରରେ ମିଶିଛି। ଋଷିକୁଲ୍ୟା ଉପରେ ଗଞ୍ଜାମ ଜିଲ୍ଲାବାସୀ ଜଳସେଚନ ଓ ପାନୀୟ ଜଳ ପାଇଁ ନିର୍ଭରଶୀଳ। ଏବେ ଋଷିକୁଲ୍ୟା ଶଯ୍ୟା ଅଧିକାଂଶ ସ୍ଥାନରେ ଶୁଖିଲା ପଡ଼ିଛି। ପାର୍ଶ୍ୱବର୍ତ୍ତୀ ନଦୀତଟ ଅଞ୍ଚଳରେ ଭୂତଳ ଜଳସ୍ତର କମିବା ସହିତ ପାନୀୟଜଳ ସମସ୍ୟା ମଧ ଦେଖା ଦେଲାଣି। ଆଉଦୁଇ ମାସ ପ୍ରଚଣ୍ଡ ଖରା ହେବ। ଏଣୁ ତାତି ବଢ଼ିବା ସହ ଜିଲ୍ଲାରେ ଜଳ ସମସ୍ୟା ଉତ୍କଟ ହେବା ନେଇ ଆଶଙ୍କା କରାଯାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦିନକୁଦିନ ଅଧିକ ଖରା ଓ ଗରମ ଅନୁଭବ ହେଉଛି। ସେହିପରି ଜଙ୍ଗଲ ନଷ୍ଟ ଯୋଗୁ ବର୍ଷାର ପରିମାଣ ମଧ କମୁଛି। ଏଥିପାଇଁ ନଈନାଳ ଶୁଖି ଯାଉଛି। ଋଷିକୁଲ୍ୟା ନଦୀର ପାଣି ଯେ କେବଳ ଜଳସେଚନ ଓ ପାନୀୟ ଜଳ ପାଇଁ ବ୍ୟବହାର ହୋଇଥାଏ ତାହା ନୁହେଁ, ବିଭିନ୍ନ ଶିଳ୍ପ ସଂସ୍ଥା ମଧ ଏହାର ପାଣି ଉପରେ ନିର୍ଭର କରିଥାନ୍ତି। ଋଷିକୁଲ୍ୟାରେ ପ୍ରତିବର୍ଷ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥାନ୍ତି। ଚଳିତ ବର୍ଷ ଆସନ୍ତା ୬ତାରିଖରେ ବାରୁଣୀ ସ୍ନାନ ପଡୁଥିବା ବେଳେ ଋଷିକୁଲ୍ୟାରେ ପାଣି ନାହିଁ। ବିଶେଷ କରି ଆସିକାସ୍ଥିତ ଋଷିକୁଲ୍ୟା ଘାଟ, ପୁରୁଷୋତ୍ତମପୁର ଓ ପ୍ରତାପୁର ଘାଟରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥାନ୍ତି। ହେଲେ ଋଷିକୁଲ୍ୟାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଣି ନଥିବାରୁ ବାରୁଣୀ ସ୍ନାନ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା କରାଯାଉଛି। ଚଳିତ ବର୍ଷ କେତେକ ସ୍ଥାନରେ ନଦୀ ପୂରା ଶୁଖି ଯାଇ ଗୋଟିଏ ପଳତା ଧାର ଦେଇ ପାଣି ଯାଉଛି। ଋଷିକୁଲ୍ୟାରେ ୬ଟି ନଦୀର ପାଣି ପଡୁଛି। ତଥାପି ସେହି ପାଣିର ସଦ୍‌ବିନିଯୋଗ କରାଯାଇ ପାରୁ ନାହିଁ। ଫଳରେ ଖରାଦିନରେ ଋଷିକୁଲ୍ୟା ନଦୀ ସମ୍ପୂର୍ଣ୍ଣ ଶୁଖି ଯାଉଛି। ବର୍ତ୍ତମାନ ରାଜ୍ୟ ସରକାର ସୋରଡ଼ା ବ୍ଲକ୍‌ରେ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଏଥିପାଇଁ ପ୍ରାୟ ୧ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ସେହିପରି ଅନ୍ତଃନଦୀ ଜଳାଶୟ ଯୋଜନାରେ ଋଷିକୁଲ୍ୟାର ସୋରଡ଼ା ନିକଟସ୍ଥ ସିଙ୍ଗିପୁରଠାରେ ବ୍ୟାରେଜ୍ ତିଆରି କରାଯିବ। ଏହା ସହିତ ଛତ୍ରପୁର ବ୍ଲକ୍‌ର କଂସାରୀଗଣ୍ଡରେ ଋଷିକୁଲ୍ୟାରେ ମଧ ଏକ ବ୍ୟାରେଜ୍ ନିର୍ମାଣ ହେବ। ଏହା କାର୍ଯ୍ୟକାରୀ ହେବା ପରେ ଋଷିକୁଲ୍ୟାର ପାଣି ସଂରକ୍ଷିତ ରଖାଯାଇ ପାରିବ ବୋଲି ଆଶା କରାଯାଉଛି।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ

ବଲାଙ୍ଗୀର, ୩୧/୩ (ନି.ପ୍ର): ଆଜି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀରରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ପ୍ରଥମ ବର୍ଷ କଳା ଓ ବିଜ୍ଞାନର ପ୍ରାୟ ୭୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଗତ ମାର୍ଚ୍ଚ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବରେ ରେଖା ମନହୀରା ଓ ଭଗବତୀ ଭୋଇ ଯୋଗ ଦେଇ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଆତ୍ମସୁରକ୍ଷା କ୍ଲବର ଅଧିକାରିଣୀ ଅଧାପିକା ସୁଶ୍ରୀସଂଗୀତ ଦାସ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନାର ଦାୟିତ୍ୱ ଅଧାପକ ଡଃ ସଦାଶିବ ମଲ୍ଲିକ ବହନ କରିଥିଲେ ଓ ଅଧାପକ ଅଜିତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ସରୁନି, ଫେରିଯାଉଛି ଅନୁଦାନ: ଗତ ଆର୍ଥିକ ବର୍ଷରେ ଫେରିଲା ୧୧% ଅର୍ଥ

ରାଉରକେଲା, ୩୧/୩ (ନି.ପ୍ର): ଗାଁକୁ ସଂଯୋଗ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା ମାଧ୍ୟମରେ ରାସ୍ତା, ସେତୁ ନିର୍ମାଣ କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ଅନୁଦାନ ବି ଦିଆଯାଉଛି। କିନ୍ତୁ ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା/ସେତୁ ନିର୍ମାଣ ହୋଇପାରୁନି। ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟାର ସମାଧାନ କରିପାରୁନାହାନ୍ତି। ଏମିତିକି ଶିଥିଳ ପଡ଼ିଥିବା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରୁନି। ଫଳରେ ସରକାରୀ ଅନୁଦାନ ଫେରିଯାଉଛି। ରାଉରକେଲା ଗ୍ରାମ୍ୟ ନିର୍ମାଣ ବିଭାଜନ(ଆ ?ଡବ୍ଲ୍ୟୁ ଡିଭିଜନ)ରେ ଚଳିତ ଆର୍ଥିକ ବର୍ଷରେ ରାସ୍ତା ଓ ସେତୁ ପାଇଁ ଅନୁମୋଦିତ ଅର୍ଥର ୧୧% ଫେରିଯାଇଛି।

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଆରଡବ୍ଲ୍ୟୁ ଡିଭିଜନର ବିଭିନ୍ନ ରାସ୍ତା ନିର୍ମାଣ ପାଇଁ ୧୦ କୋଟି ୫୧ ଲକ୍ଷ ୩ ହଜାର ଟଙ୍କା ଅନୁଦାନ ଆସିଥିବାବେଳେ ସେତୁ ନିର୍ମାଣ ପାଇଁ ୨୩ କୋଟି ୩୫ ଲକ୍ଷ ୪ ହଜାର ଟଙ୍କା, ମୋଟ୍ ୩୩ କୋଟି ୮୬ ଲକ୍ଷ ୭ ହଜାର ଟଙ୍କା ଅନୁମୋଦିତ ହୋଇଥିଲା। ତେବେ ଏଥିମଧ୍ୟରୁ କେବଳ ୩୦ କୋଟି ୨ ଲକ୍ଷ ୨୧ ହଜାର ୫୬୫ ଟଙ୍କା(୮୮.୬୩%) ବିନିଯୋଗ ହୋଇଥିବାବେଳେ ୩ କୋଟି ୪୯ ଲକ୍ଷ ୭୩ ହଜାର ୩୭୪ ଟଙ୍କା(୧୧.୩୨%) ଫେରସ୍ତ ହୋଇଯାଇଛି। ରାସ୍ତା ନିର୍ମାଣ ପାଇଁ ତିନିଟି ପର୍ଯ୍ୟାୟରେ ୧୦ କୋଟି ୫୧ ଲକ୍ଷ ୩ ହଜାର ଟଙ୍କା ଅନୁଦାନ ଆସିଥିଲା। ଏଥିମଧ୍ୟରୁ କେବଳ ୭ କୋଟି ୧ ଲକ୍ଷ ୫୬ ହଜାର ୯୮୪ ଟଙ୍କା ବ୍ୟୟ କରାଯାଇଥିବାବେଳେ ୩ କୋଟି ୧୫ ଲକ୍ଷ ୩୩ ହଜାର ୯୫୫ ଟଙ୍କା ଫେରିଯାଇଛି। ସେହିଭଳି ଗତ ଆର୍ଥିକ ବର୍ଷରେ କେବଳ ସେତୁ ନିର୍ମାଣ ପାଇଁ ରାଉରକେଲା ଆ ?ଡବ୍ଲ୍ୟୁ ଡିଭିଜନକୁ ୨୩ କୋଟି ୩୫ ଲକ୍ଷ ୪ ହଜାର ଟଙ୍କା ଅନୁଦାନ ମିଳିଥିଲା। ଏଥିମଧ୍ୟରୁ ୩୦ କୋଟି ୨ ଲକ୍ଷ ୨୧ ହଜାର ୫୬୫ ଟଙ୍କା ବ୍ୟୟ ହୋଇଥିବାବେଳେ ୩୪ ଲକ୍ଷ ୩୯ ହଜାର ୪୧୯ ଟଙ୍କା ଫେରିଯାଇଛି। ପ୍ରକଳ୍ପର ଧୀମା ଗତି ଓ ଜମିଅଧିଗ୍ରହଣ ପ୍ରକ୍ରିୟା ଠିକ ସମୟରେ ସରୁନଥିବାରୁ ଅନୁଦାନ ଫେରିବାରେ ଲାଗିଛି।

ବାସ୍ତବରେ ବିଭାଗୀୟ ଅଧିକାରୀଙ୍କ ଚିରାଚରିତ ଅବହେଳା ଯୋଗୁଁ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ ଓ



ନିର୍ମାଣକାର୍ଯ୍ୟ ଶେଷ ହୋଇପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଲହଣ୍ଡା-ମିଟ୍ କୁନ୍ଦୁରୀ ସେତୁ। ରାଉରକେଲା ଉପକଣ୍ଠରେ ପ୍ରବାହିତ ଦେଓ ନଦୀ ଉପରେ ୭.୬୮ କୋଟି ବ୍ୟୟ ଅଟକଳରେ ସେତୁ ନିର୍ମାଣ ପାଇଁ ୨୦୧୭-୧୮ ମସିହାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୭ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଛି; କିନ୍ତୁ ଶେଷ ହେବାର ନାଁ ନେଉନି। ନିର୍ମାଣାଧୀନ ସେତୁ ଉପରେ ଗୋଟିଏ ସ୍ଲାବ୍ ଓ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରୁନି। ମିଟ୍‌କୁନ୍ଦୁରୀଠାରେ ୨୭ ଡିସିମିଲ ଓ ଖୁଣ୍ଟଗାଁଠାରେ ୪୬ ଡିସିମିଲ, ମୋଟ୍ ୭୩ ଡିସିମିଲ୍ ଜମିକୁ ଏଯାଏ ଅଧିଗ୍ରହଣ ହୋଇପାରିନି। ଗୋଟିଏ ପଟରେ ଜମି ମାଲିକ ଉପଯୁକ୍ତ କ୍ଷତିପୂରଣ ଦାବି କରି ନିର୍ମାଣକାର୍ଯ୍ୟକୁ ବିରୋଧ କରୁଥିବାବେଳେ ଅପରପଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଯାଏ ଉପଯୁକ୍ତି କ୍ଷତିପୂରଣ ଦେବାରେ ବିଫଳ ହୋଇଛି। ଯଦ୍ୱାରା କୁଆରମୁଣ୍ଡା ଓ ନୂଆଗାଁ ବ୍ଲକ ଅଞ୍ଚଳର ଲହଣ୍ଡା, ଅଙ୍କୁରପାଲି, ଲାଙ୍କଇ, କଦଳୀବାହାଲ, ସେମେର୍ତ୍ତା, ବାଲିମୁଣ୍ଡା, ବରେଇଗଡ଼ା, ସତରା, ବଣ୍ଡରାଏ, ମେନମେନା, ରେଙ୍ଗାଲବେଡା, ରୋକେଡେଗା, ବାଲିଆପୋଷ, ରାଣାକଟା, କନ୍ଦରକେଲା ଏବଂ କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ ରିଡ଼ିଁ, ପସରା, ବିଜୁବନ୍ଧ, ସିଆଲଯୋର, ହରପାଲି, ରାମପୁର, କଚାରୁ, ସାନଦଲକି, ଝାରବେଡ଼ା, ଟାଙ୍ଗରାଣୀ, ଲୋହାମାଲ, କାରିଛାପଲ, କର୍ମାବାହାଲ ଆଦି ଗ୍ରାମବାସୀ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେବେଳେ ଜୀବନକୁ ବାଜି ଲଗାଇ ଅସ୍ଥାୟୀ ବାଉଁଶ ପୋଲ ତିଆରି ନଦୀ ପାର ହେଉଛନ୍ତି ତ କେତେବେଳେ ୩୦ ଫୁଟ୍ ଲମ୍ୱର ବାଉଁଶରେ ଅର୍ଦ୍ଧନିର୍ମିତ ବ୍ରିଜ୍ ଉପରକୁ ଚଢ଼ି ପାର ହେଉଛନ୍ତି।

## ଲୋଇସିଂହା ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ

ବଲାଙ୍ଗୀର, ୩୧/୩ (ନି.ପ୍ର): ଲୋଇସିଂହା ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ଲୋଇସିଂହା ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବ୍ଲକ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋଇସିଂହା ବ୍ଲକ ଉନ୍ନୟନ ଅଧିକାରୀ ଅକ୍ଷୟ ପାନୀ ଉଡୁ ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବ୍ୟାସଦେବ ରାୟ, ରକ୍ଷୀମତୀ ତ୍ରିପାଠୀ, ଟଙ୍କଧର ଭୋଇ, ବ୍ଲକ ବିଜ୍ଞାନ ଆବାହକ ଅଶୋକ ତ୍ରିପାଠୀ, ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ତ୍ରିପାଠୀ, ନୋଡାଲ ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, ବ୍ଲକ ବିଜ୍ଞାନ ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର ମଂଚାସୀନ ଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର, ମୌସୁମୀ ନାୟକ, ଅରୁନ୍ଧତୀ ବଡ଼େଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜନା ସିଆରସିସି ନିତ୍ୟାନନ୍ଦ ବାଗ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବିଷ୍ଣୁ ପ୍ରସାଦ ମିଶ୍ର। କାର୍ଯ୍ୟକ୍ରମରେ ୪୧ଟି ପ୍ରକଳ୍ପ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ବ୍ଲକ ସ୍ତରରୁ ଯୋଗ୍ୟ ବିବେଚିତ ହୋଇଥିବା ଶ୍ରେଷ୍ଠ ୫ଟି ପ୍ରକଳ୍ପ- ଯୋଗୀସର୍ଡା ହାଇସ୍କୁଲ ର ଛାତ୍ର ଅଶୋକ ଚୌହାନ, ତଲିଉଡାର ହାଇସ୍କୁଲ ର ଛାତ୍ରୀ ରେଶମା ପ୍ରଧାନ, କୁଟୁରାପାଲି ହାଇସ୍କୁଲର ଛାତ୍ର ମୁକେଶ ବାଗ, ବାଦିବାହାଲ ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ଧରୁଆ, ଲୋଇସିଂହା ବାଳିକା ବିଦ୍ୟାଳୟର ଛାତ୍ରୀ ନିତୁ ପଟେଲ ଓ ଫଟାବାହାଲ ପିୟୁପିଏସର ଛାତ୍ରୀ ଅଙ୍କିତା ଗଡତ୍ୟା ଜିଲ୍ଲା ସ୍ତରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମରେ ଯୋଗ ଦେବେ।

## ଦୁର୍ଘଟଣା ଆହତଙ୍କ ପାଇଁ କେନ୍ଦ୍ରାପଡ଼ାରେ ନୂଆ ଆମ୍ବୁଲାନ୍ସ ସେବା

କେନ୍ଦ୍ରାପଡ଼ା, ୩୧/୩ (ନି.ପ୍ର): ଗତ କିଛିଦିନ ହେବ କେନ୍ଦ୍ରାପଡ଼ା ସହରରେ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଠିକ ସମୟରେ ଆହତ ଲୋକମାନେ ଆମ୍ବୁଲାନ୍ସ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି। ତେଣୁ ଜମଧର ପଂଚାୟତ ସରପଂଚ ରାଜକିଶୋର ଖୁଂଟିଆ ନିଜସ୍ୱ ଉଦ୍ୟମରେ ପଂଚାୟତବାସୀଙ୍କ ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛନ୍ତି। ଆଜି ପଂଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଆମ୍ବୁଲାନ୍ସକୁ ପୂଜା କରାଯାଇଥିଲା। ଆମ୍ବୁଲାନ୍ସର ସେବା କିପରି ସୁବିଧାରେ ପାଇପାରିବେ ତାହା ଉପରେ ସରପଂଚ ଶ୍ରୀ ଖୁଂଟିଆ ସୂଚନା ଦେଇଥିଲେ। ପଂଚାୟତ ପକ୍ଷରୁ ନାଏବ ସରପଂଚ ବିଳାସିନୀ ଜେନା, ସମିତିସଭ୍ୟ ଦେବାଶିଷ ଦାସ, ସମବାୟବିତ ଜିତେନ୍ଦ୍ର ମହାନ୍ତି, ଧ୍ରୁବ ଚରଣ ସାହୁ, ଅଭିମନ୍ୟୁ ମହାନ୍ତି, ଅଜିତ କୁମାର ଦାସ, ସୁଧାଂଶୁ ଶେଖର ଜେନା, କିରଣ କୁମାର ବେହେରାଙ୍କ ସହ ନ୍ୟାୟିକ ମଂଚ ସଦସ୍ୟ ଓ ଆମ୍ବୁଲାନ୍ସ ସୋ ର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଏହି ଆମ୍ବୁଲାନ୍ସଟି ବାଲିଆଠାରୁ ଦୁହୁରିଆ ମଧ୍ୟରେ ହେଉଥିବା ଦୁର୍ଘଟଣା ଓ ପଂଚାୟତରେ ରୋଗୀସେବା ଯୋଗାଇବ ବୋଲି ଶ୍ରୀ ଖୁଂଟିଆ କହିଛନ୍ତି।

# ଉତ୍କଟ ହେଉଛି ଜଳକଷ୍ଟ, ବୋହୂ ପଳାଇଲେ ବାପଘର

ହାଟଡିହି, ୩୧/୩ (ନି.ପ୍ର): ଖରା ଆରମ୍ଭରୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କାଠକଟା ଚତୁରିସାହିରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଗାଁରେ ଥିବା ତିନିତିନିଟି ନଳକୂପ ଅଚଳ ହୋଇଯାଇଥିବାରୁ ପାଣି ପାଇଁ ଲୋକେ ତହଳ ବିକଳ ହେଉଛନ୍ତି। ଗାଁର ମହିଳାମାନେ ଦୁଇ କିଲୋମିଟର ଦୂରରେ ଥିବା ଏକ କୂଅରୁ ପାଣି ଆଣୁଛନ୍ତି। ସ୍ନାନ, ଶୌଚ ପାଇଁ ମଧ ପାଣିର ସୁବିଧା ନାହିଁ। ତେଣୁ ଗାଁକୁ ବାହା ହୋଇ ଆସିଥିବା ନବବଧୂମାନେ ବାପଘରକୁ ପଳାଉଛନ୍ତି। କାଠକଟା ପଞ୍ଚାୟତ ଚତୁରିସାହିରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରୁଛନ୍ତି। ଲୋକସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ। ଗ୍ରାମରେ ୩ଟି ନଳକୂପ ଥିଲେ ମଧ ଖରାଦିନେ ସେଥିରୁ ପାଣି ବାହାରୁନି। ଗାଁଠାରୁ କିଛି ଦୂରରେ ଥିବା ଏକ ନଳକୂପରୁ ଲୋକେ ପାନୀୟଜଳ ସଂଗ୍ରହ କରୁଥିବା ବେଳେ ଦୁଇ କିଲୋମିଟର ଦୂରରେ ଥିବା ଏକ ଖୋଲାକୂଅରୁ ସ୍ନାନ ଶୌଚ ପାଇଁ ପାଣି ଆଣିଥାନ୍ତି। ବେଳେ ବେଳେ ନଳକୂପରୁ ପାଣି ନବାହାରିଲେ କୂଅର ଦୂଷିତ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ପାଣି ସମସ୍ୟା ପାଇ ଗାଁର ଦୁଇଜଣ ନବବଧୂ ଶାଶୂଘର ଛାଡ଼ି ବାପଘରକୁ ପଳାଇଥିବା ମାଳତୀ ଖଟୁଆ, ନିହାରିକା ସୋରେନ, ଉଲୁଙ୍ଗି ମାଝୀ, ହୀରାମଣି ମାଝୀ, ଜବାନୀ



ମାଝୀ ପ୍ରମୁଖ କହିଛନ୍ତି। ଗ୍ରାମର ହୀରାମଣି ମାଝୀଙ୍କ ପୁଅ ଗତ ୬ ମାସ ତଳେ ବିବାହ କରିଥିଲେ। ଏତେ ଦୂରରୁ ପାଣି ଆଣିବାରେ ସମସ୍ୟା ହେବାରୁ ନବବଧୂ ଜଣକ ନିଜ ବାପଘରକୁ ଚାଲିଯାଇଛନ୍ତି। ପାଣି ସୁବିଧା ହେଲେ ବୋହୂ ଆସିବ ବୋଲି ହୀରାମଣି ପ୍ରକାଶ କରିଛନ୍ତି। ସେହିପରି ଗ୍ରାମର ଅନ୍ୟଜଣେ ନବବଧୂ ମଧ ପାଣି ସମସ୍ୟା ପାଇଁ ବାପଘରକୁ ଯାଇଥିବା ତାଙ୍କ ଶାଶୂଘର ଲୋକେ କହିଛନ୍ତି। ସେହିପରି ତିନିବର୍ଷ ହେବ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ସାହିରେ ପାଇପ୍ ବିଛାଯାଇଛି। ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ପାଇପ୍‌ରେ ପାଣି ଆସୁ ନଥିବା ବେଳେ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ମୁହଁମାଡ଼ି ପଡ଼ିଛି। ସାହିଟି ଉଚ୍ଚ ସ୍ଥାନରେ ଥିବାରୁ ପାଣି ଆସୁ ନଥିବା ଦିବାନୀ ମାଝୀ, ତୁଳସୀ ଟୁଡୁ, ରଘୁନାଥ ମାଝୀ, ଧନେଶ୍ୱର ମାଝୀ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବିଚିତ୍ରନାଥ ଜେନାଙ୍କୁ ପଚାରିବାରୁ, ବର୍ଷବର୍ଷ ଧରି ଏହି ସାହିରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପଞ୍ଚାୟତ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ୧୫ରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି। ଏବର୍ଷ ମଧ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି। ସେହିପରି କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ସ୍ୱାଇଁ କହିଛନ୍ତି, ଜଳକଷ୍ଟକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଆଜି କିଛି ନଳକୂପ ମରାମତି କରାଯାଇଥିବା କହିଛନ୍ତି।

# ବଉଳିଲାନି ୭୦% ଆମ୍ବଗଛ: କମିବ ଉତ୍ପାଦନ, ଚିନ୍ତାରେ ଆମ୍ବଚାଷୀ

ଅନୁଗୁଳ , ୩୧/୩ (ନି.ପ୍ର): 'ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ।' ପିଢ଼ି ପରେ ପିଢ଼ି ଏହାକୁ ପଢ଼ି ଆସିଥିଲା ବେଳେ ଏବେ ଏହା ବଦଳିଯାଇଛି। ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରକୁ ପ୍ରଭାବିତ କରିଛି। ଯାହା ଫଳରେ ଫଗୁଣ ଯାଇ ଚୈତ୍ର ମାସ ଆରମ୍ଭ ହେଲା ପଛେ ଅନୁଗୁଳ ଜିଲ୍ଲାର ୭୦ ପ୍ରତିଶତ ଆମ୍ବଗଛରେ ବଉଳ ଧରିଲାନି। ଯାହାଦ୍ୱାରା ଚଳିତବର୍ଷ ଆମ୍ବ ଉତ୍ପାଦନ ପ୍ରଭାବିତ ହେବା ସ୍ପଷ୍ଟ ହୋଇ ଯାଇଛି। ଆମ୍ବ ଗଛରେ ବଉଳ ନ ଆସିବା ଯୋଗୁଁ ଆମ୍ବଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାଘ ମାସ ଅଧାରୁ ଆମ୍ବ ଗଛରେ ବଉଳ ଧରିବା ଆରମ୍ଭ ହୋଇଥାଏ। ପାଗ ଭଲ ଥିଲେ ମାଘ ଆରମ୍ଭରୁ ବଉଳ ଆସିଯାଏ। ଫାଲ୍‌ଗୁନ ମାସ ବେଳକୁ ପ୍ରାୟ ୯୦ ପ୍ରତିଶତ ଗଛରେ ବଉଳ ଆସି ସାରିଥାଏ। କିନ୍ତୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଏଥର ମାଘ ତ ଦୂର କଥା ଫାଲଗୁନ ମାସ ସରିଗଲା ପଛେ ୩୦ ପ୍ରତିଶତ ଗଛରେ ବଉଳ ଆସିପାରିଲା ନାହିଁ। ଉଦ୍ୟାନକୃଷି ବିଭାଗର କହିବା କଥା, ଜାନୁଆରିରୁ ମାର୍ଚ୍ଚ ମାସ ଭିତରେ ବଉଳ ଆସିଯାଏ କିନ୍ତୁ ଚଳିତବର୍ଷ ଜଳବାୟୁ ପରିବର୍ତ୍ତନର



ସାଂଘାତିକ ପ୍ରଭାବ ଦେଖାଦେଇଛି। ଯାହାଦ୍ୱାରା ଏ ପର୍ଯ୍ୟନ୍ତ ୭୦ପ୍ରତିଶତ ଗଛରେ ବଉଳ ନାହିଁ। ଯେଉଁ କିଛି ଗଛରେ ବଉଳ ଆସିଥିଲା, ଗତ କିଛିଦିନ ତଳେ ହୋଇଥିବା ଅଦିନିଆ ବର୍ଷାରେ ତାହା ବି ପ୍ରଭାବିତ ହୋଇଛି। ୩୦ପ୍ରତିଶତ ବଉଳରୁ ଅଧା ଝଡ଼ି ପଡ଼ିଛି। ଯେତିକି ରହିଛି ସେଥିରେ ଫିମ୍ପି ଲାଗି କଳା ପଡ଼ିଯାଇଛି। ସେଗୁଡ଼ିକରେ ଫଳ ଆସିବା ସମ୍ଭାବନା କ୍ଷୀଣ। ଗତ ୩୦ବର୍ଷ ଭିତରେ ଏଭଳି କେବେ ହୋଇନଥିଲା ବୋଲି ଜଣେ ବରିଷ୍ଠ ଉଦ୍ୟାନକୃଷି ଅଧିକାରୀ କହିଛନ୍ତି। ଅନ୍ୟପଟେ ଅନୁଗୁଳ ଜିଲ୍ଲାରେ ମୋଟ୍ ୯,୩୯୧ ହେକ୍ଟର ଜମିରେ ଆମ୍ବ ଗଛ ରହିଛି। ସେଥିମଧ୍ୟରୁ ୯,୨୮୦ଟି ଫଳନ୍ତି ଗଛ ରହିଛି। ସମଗ୍ର ଜିଲ୍ଲାରୁ ପ୍ରତିବର୍ଷ ୩୩,୭୯୧ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହେଉଥିଲା ବେଳେ ହେକ୍ଟର ପିଛା ୩.୬୪ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ। ଗତ ୨ବର୍ଷ ହେବ ଅନୁଗୁଳ ଜିଲ୍ଲାରେ ଅଧିକ ପରିମାଣରେ ଆମ୍ବ ଉତ୍ପାଦନ ହୋଇ ଦିଲ୍ଲୀ, ମୁମ୍ବାଇ, ପୁଣେ, ବାଙ୍ଗାଲୁରୁ ଭଳି ସହରକୁ ରପ୍ତାନି ହୋଇଥିଲା। ଏଠାରେ ଆମ୍ରପଲ୍ଲୀ, ମଲ୍ଲିକା, ଦଶରି, ଲେଙ୍ଗଡ଼ା, ଗୁଲାବଖାସ୍ ଓ ରତ୍ନଗିରି ଭଳି ବିଭିନ୍ନ ପ୍ରକାରର ଦେଶୀ ଆମ୍ବ ଉତ୍ପାଦିତ ହୋଇଥାଏ। ଏପରିକି ଚଳିତବର୍ଷରେ ଅନୁଗୁଳ ଜିଲ୍ଲାର ୪ଟି ସବ୍‌ଡିଭିଜନ୍‌ରେ ମୋଟ୍ ୨୩୦ ହେକ୍ଟର ଆମ୍ବ ଚାଷ ପାଇଁ ଉଦ୍ୟାନକୃଷି ବିଭାଗ ପ୍ରସ୍ତୁତି କରିଛି। କିନ୍ତୁ ଜଳବାୟୁ ପରିବର୍ତ୍ତନ, କୁହୁଡ଼ି, ଅଦିନିଆ ବର୍ଷା ଓ ପ୍ରଦୂଷଣର ପ୍ରଭାବରେ ୭୦ପ୍ରତିଶତ ଗଛରେ ଆମ୍ବ ବଉଳ ନ ଆସିବା ଆଶ୍ଚର୍ଯ୍ୟ କରିଛି।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ସୋମବାର, ୦୧ ଏପ୍ରିଲ ୨୦୨୪

# ଲାଲ୍ ମାଟିର ଗଡ଼ ଖୋର୍ଦ୍ଧା

## ବିଶ୍ୱବିଜୟୀ ଦାଶ

୧୯୯୩ ମସିହା ଅପ୍ରେଲ ପହିଲା ଦିନ ଖୋର୍ଦ୍ଧା ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା । ୧ ଅପ୍ରେଲ ୧୯୯୩ ପୂର୍ବରୁ ଏହା ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା । ଖୋର୍ଦ୍ଧା ଜିଲ୍ଲା ଏକ ପର୍ଯ୍ୟଟନ କ୍ଷେତ୍ର,ପ୍ରାକୃତିକ ପରିବେଶ ରେ ପରିପୂର୍ଣ୍ଣ ଏହି ଜିଲ୍ଲା।

ଇତିହାସର ସ୍ମୃତିକୁ ଜାବୁଡ଼ି ଧରିଥିବା ବୀର ଲାଲ ମାଟି ଖୋର୍ଦ୍ଧା, ଯାହାର ମାଟିକୁ ଚିପୁଡିଲେ ରକ୍ତ ବାହାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ୧୮୧୭ରେ ଏହି ମାଟିରୁ ସଙ୍ଗଠିତ ହୋଇଥିଲା । ପୁଣି ଏହି ମାଟିର ଇତିହାସ ଗାଏ ବୀରତ୍ୱର ଗାଥା । କହେ ସଂହତି ଓ ସଂଘର୍ଷର କଥା । ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଆରମ୍ଭ ହୋଇଥିବା ସଂଗ୍ରାମର ମୂକସାକ୍ଷୀ ହୋଇ ରହିଛି ଅନେକ ସ୍ଥାନ। ଏଠାରେ କ୍ଷରିଛି ସଂଗ୍ରାମୀଙ୍କ ରକ୍ତ। ସେହି ରକ୍ତ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିଛି ଭାରତକୁ ସେପରି କିଛି ବୀରପୁରୁଷଙ୍କ ପାଇଁ ଖୋର୍ଦ୍ଧାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ବର୍ଷତମାମ ପାଳନ କରିବା ପାଇଁ ସୁଯୋଗ ମିଳିଛି । ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ ଭାବେ ପରିଚିତ ଏ ମାଟି ଶସ୍ୟଶ୍ୟାମଳା । ସମୃଦ୍ଧ ପବିତ୍ର ମାଟିର ପ୍ରତିଭା, ପାଇକପଟଳ, ସାହିତ୍ୟ, ସଂସ୍କୃତି, ସଂହତି, ଐତିହ୍ୟ, କଳାକାର, ସମରକଳା, ସ୍ଥପତି ଓ ସ୍ଥାପତ୍ୟ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଛନ୍ତି । ନୈସର୍ଗିକ ଶୋଭା ପସରା ବେଷ୍ଟିତ ବରୁଣେଇ ପାହାଡ଼ ପାଦଦେଶରେ ଦୁର୍ଭେଦ୍ୟ ଖୋର୍ଦ୍ଧା ଗଡ଼ ନିର୍ମାଣ କରି ତତ୍କାଳୀନ ଖୋର୍ଦ୍ଧା ରାଜା ଗଜପତି ରାମଚନ୍ଦ୍ର ଦେବଙ୍କ ଅକ୍ଷୟ କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଇତିହାସ ପୃଷ୍ଠା ମଣ୍ଡନ କରିଛି । ଦୁର୍ଦ୍ଧର୍ଷ ଯବନ କଳାପାହାଡର ଆକ୍ରମଣ ଯୋଗୁ ଓଡ଼ିଶାର ନୀଳ ଆକାଶରେ ଯେତେବେଳେ ଆତଙ୍କର କଳାବାଦଲ ଘାଟି ଯାଇଥିଲା ସେତେବେଳେ ଉତ୍କଳର ଆରାଧ ଦେବତା ଶ୍ରୀ ଜଗନ୍ନାଥଙ୍କୁ ପ୍ରଧାନସେବକ ଗଜପତି ଓ ପୂଜକମାନେ ନେଇ ଆଶ୍ରୟ ଦେଇଥିଲେ ଘଞ୍ଚ ଅରଣ୍ୟ ପରିବେଷ୍ଟିତ ବରୁଣେଇ ପାହାଡ ପାଦଦେଶସ୍ଥ ଖୋର୍ଦ୍ଧା ଗଡ଼ରେ । ଶ୍ରୀମନ୍ଦିରରୁ ଦାରୁ ଦେବତାଙ୍କୁ ଅପସାରିତ କରିବା ଅବସରରେ ଶ୍ରୀବିଷ୍ଣୁ ଭକ୍ତ ତଥା ମୃଦଙ୍ଗବାଦକ ବିଶର ମହାନ୍ତି ମୃଦଙ୍ଗ ଗର୍ଭରେ ଶ୍ରୀଜୀଉମାନଙ୍କ ବ୍ରହ୍ମ ନେଇ ରଖିଥିଲେ କୁଜଙ୍ଗ ଜମିଦାରଙ୍କ ଓଳିଆ ଉପରେ । ଖୋର୍ଦ୍ଧାର ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗରୁ ବ୍ରହ୍ମଙ୍କୁ ଅଣାଇ ଖୋର୍ଦ୍ଧାଗଡରେ ବନଯାଗ ପୂର୍ବକ ମୂର୍ତ୍ତି ନିର୍ମାଣ କରାଇ ୧୫୭୫ରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ରତ୍ନ ସିଂହାସନରେ ବିଜେ କରାଇବା ଗୌରବର କଥା । ଜାଗୁଳେଇପାଟଣାରେ ବିଜେ ହାତଗୋଡ ଥିବା ଅନନ୍ତ ପୁରୁଷୋତ୍ତମ ଦେବ ଜଗନ୍ନାଥ) ଗଜପତି ଦିବ୍ୟସିଂହଦେବ ୩ୟଙ୍କୁ ଚତୁର୍ଦ୍ଧାମୂର୍ତ୍ତି ରୂପେ ଦର୍ଶନ ଦେଇଥିବାରୁ ଏଠାକାର । ଦାରୁମୂର୍ତ୍ତି ପୂର୍ଣ୍ଣାବୟବରେ ପୂଜିତ । ବ୍ରହ୍ମାଣ୍ଡ ଠାକୁର କାଳିଆ ସାଆନ୍ତଙ୍କ ନବକଳେବର ପାଇଁ ଉଦ୍ଦିଷ୍ଟ ଦେବଲାଗି ଦାରୁ ଖୋର୍ଦ୍ଧା ନିକଟ ଚମ୍ପାଝର ଓ ଦମାଛଗାଡିଆ ପରି ପବିତ୍ର ମୃତ୍ତିକାରେ ବର୍ଦ୍ଧିତ ହୋଇ ଶ୍ରୀଜୀଉଙ୍କ ମୂର୍ତ୍ତି ଗଠନରେ ବ୍ୟବହୃତ ହେବା ଅତୀବ ଗୌରବର ବିଷୟ। ଶ୍ରୀକ୍ଷେତ୍ର ସହିତ ଖୋର୍ଦ୍ଧାର ସମ୍ପର୍କ ବହୁ ପୁରାତନ ଓ ନିବିଡ ।

ଖୋର୍ଦ୍ଧା କହିଲେ ଅତୀତରେ ଖୋର୍ଦ୍ଧା ରାଜ୍ୟକୁ ବୁଝାଉଥିଲା, ଯାହାର କେନ୍ଦ୍ରାଞ୍ଚଳ ରାଜଧାନୀ ଗଡ଼ଖୋର୍ଦ୍ଧା ନାମରେ ପରିଚିତ। ଖୋର୍ଦ୍ଧାଗଡ଼ ଭାରତର ଶେଷ ସ୍ୱାଧୀନ ଦୁର୍ଗ ଭାବରେ ସର୍ବବିଦିତ। ତେବେ ଗଡ଼ଖୋର୍ଦ୍ଧାକୁ ଛାଡିଦେଲେ ବର୍ତ୍ତମାନର ଖୋର୍ଦ୍ଧା ସହର । ସେତେବେଳେ ବଣଜଙ୍ଗଲରେ ଭରପୂର ଥିଲା । କାଳକ୍ରମେ ବଣଜଙ୍ଗଲକୁ ସଫା କରି ଜନବସତି ଗଢ଼ି ଉଠିଥିଲା । ଅନ୍ୟପକ୍ଷେ ଖୋର୍ଦ୍ଧାଗଡ଼ ୧୫୬୮ରେ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ପରେ ୨୩୫ ବର୍ଷ ଧରି ୧୮୦୪ ଡିସେମ୍ବର ପର୍ଯ୍ୟନ୍ତ ଗଜପତିମାନେ ଶାସନ କରି ଆସୁଥିଲେ । ୧୮୦୪ ଡିସେମ୍ବର ଶେଷ ସପ୍ତାହରେ ଖୋର୍ଦ୍ଧାଗଡ଼ ବ୍ରିଟିଶମାନଙ୍କ ଦଖଲକୁ ଯାଇଥିଲା । ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ ଓ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇଥିଲା, ଯାହାକି ବ୍ରିଟିଶମାନଙ୍କୁ ଭୟଭୀତ କରାଇଥିଲା । ଜୟୀ ରାଜଗୁରୁଙ୍କୁ ବ୍ରିଟିଶମାନେ ପଶ୍ଚିମବଙ୍ଗର ମେଦିନପୁରଠାରେ ବରଗଛର ଦୁଇ ଡାଳକୁ ଟାଣି ଆଣି ଫାଶୀ ଦେଇଥିଲେ । ସେ ସମୟରେ ଆନ୍ଦୋଳନର ନେତୃତ୍ୱ ନେଉଥିବା। ବୀରମାନଙ୍କୁ ସମ୍ମାନ ଜଣାଇ ଗଡ଼ଖୋର୍ଦ୍ଧା ଛକରେ ୧୬ ନଂ. ଜାତୀୟ ରାଜପଥ କଡରେ ପଞ୍ଚପାଇକ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ତାପଙ୍ଗ ଦଳବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଖୋର୍ଦ୍ଧା ରାଜ୍ୟରେ



ଭୋଇବଂଶର ଶାସନ ଚାଲିଥିଲା । ଏଣୁ ୧୫୬୮ରୁ ୧୮୧୭ ଇତିହାସ ହିଁ ଭୋଇବଂଶର । ଇତିହାସ ପ୍ରଥମ ଗଜପତି ଭାବେ ରାମଚନ୍ଦ୍ର ଦେବ (୧୫୬୮-୧୬୦୦) ରାଜ୍ୟ ଶାସନ କରିଥିଲେ। ପରେ ପୁରୁଷୋତ୍ତମଦେବ (୧୬୦୦ରୁ । ୧୬୨୧), ନରସିଂହଦେବ (୧୬୨୧ରୁ ୧୬୪୭), ଗଙ୍ଗାଧର ଦେବ (ସ୍ୱଳ୍ପ ସମୟ ରାଜୁତି), ବଳଭଦ୍ର ଦେବ (୧୬୪୭ରୁ ୧୬୫୬), ପ୍ରଥମ ମୁକୁନ୍ଦଦେବ (୧୬୫୭ ରୁ ୧୬୮୯), ପ୍ରଥମ ଦିବ୍ୟସିଂହଦେବ (୧୬୮୯ ରୁ ୧୭୧୬), ହରେକୃଷ୍ଣ ଦେବ (୧୭୧୬ରୁ ୧୭୨୦), ଗୋପୀନାଥଦେବ (୧୭୨୦ ରୁ ୧୭୨୭), ୨ୟ ରାମଚନ୍ଦ୍ର । ଦେବ (୧୭୨୭ରୁ୧୭୩୬), ବୀରକେଶରୀ ଦେବ (୧୭୩୭ ରୁ ୧୭୯୩), ୨ୟ ଦିବ୍ୟସିଂହଦେବ (୧୭୯୩ ରୁ୧୭୯୮) ପର୍ଯ୍ୟନ୍ତ ରାଜ୍ୟ ଶାସନ କଲେ। ଗଜପତି ୨ୟ ମୁକୁନ୍ଦଦେବ ଶେଷ ରାଜା, ଯିଏକି (୧୭୯୮ ରୁ ୧୮୧୭) ପର୍ଯ୍ୟନ୍ତ ଶାସନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ମା' ବରୁଣେଇ ପୀଠ,ଅତ୍ରି ସ୍ଥିତ ବାବା ହଟକେଶ୍ୱର ମନ୍ଦିର, ଚଣ୍ଡେଶ୍ୱର ସ୍ଥିତ ବାବା ଚଣ୍ଡିହର ଦେବ ମନ୍ଦିର, ହରିପୁର ସ୍ଥିତ ବାବା ପ୍ରତାପେଶ୍ୱର ଦେବ ମନ୍ଦିର, ଜୀବନଦେଇପୁର ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର, ଜୀବନଦେଇପୁର ସ୍ଥିତ ମା' ସର୍ବମଙ୍ଗଳା ମନ୍ଦିର,ବାଣପୁର ର ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ମନ୍ଦିର, ମା' ବିରଜାଈ ମନ୍ଦିର, ଚିଲିକା ସ୍ଥିତ ମା' କାଳିଜାଈ ମନ୍ଦିର, ଭାଟପଡ଼ା ସ୍ଥିତ ମା' ସିଦ୍ଧେଶ୍ୱରୀ ମନ୍ଦିର, ମା' ନାରାୟଣୀ ମନ୍ଦିର, ବାଣପୁର ସ୍ଥିତ ମା' ଟିକିରାଇ ମନ୍ଦିର, ଧୂଆଁନଳୀ ସ୍ଥିତ ମା' ତାରିଣୀ ମନ୍ଦିର,ବାଣପୁର ସ୍ଥିତ ପ୍ରଭୁ ଶ୍ରୀ ରଙ୍ଗନାଥ ଦେବ ମନ୍ଦିର, ବଡ଼ହନ୍ତୁଆଡ଼ ସ୍ଥିତ ପ୍ରଭୁ ଶ୍ରୀ ଚରଣ ଚକାଦେବ ମନ୍ଦିର,ବାଣପୁର ସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ ମନ୍ଦିର, ଶ୍ରୀ ସ୍ୱପ୍ନେଶ୍ୱର ଦେବ ମନ୍ଦିର, ପଙ୍କାଳ ସ୍ଥିତ ମା' ଖିଲାମୁଣ୍ଡା ମନ୍ଦିର, ସୁନାଖଳା ସ୍ଥିତ ବାବା ନୀଳକଣ୍ଠେଶ୍ୱର ଦେବ ମନ୍ଦିର, ନାଚୁଣୀ ସ୍ଥିତ ମା' ପାଣ୍ଡବାଶୁଣୀ ଦେବୀ ମନ୍ଦିର, ବରପାଟଣା ସ୍ଥିତ ବାବା ବାଙ୍କନିଧି ଦେବ ମନ୍ଦିର ଆଦି ଅନେକ ଶୈବ ପୀଠ, ବିଷ୍ଣୁ ମନ୍ଦିର, ଶକ୍ତିପୀଠ ରହିଛି।

ଚିଲିକା ହ୍ରଦ ଖୋର୍ଦ୍ଧା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ, ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପ୍ରାୟତଃ ସବୁଦିନ ପର୍ଯ୍ୟଟକ ମାନେ ଆସିଥାନ୍ତି, ବିଶେଷତଃ ଶୀତ ଋତୁରେ ଚିଲିକାକୁ ବହୁତ ପର୍ଯ୍ୟଟକ ମାନେ ଆସିଥାନ୍ତି, କାରଣ ଶୀତ ଋତୁରେ ବହୁ ଦୂରଦୂରାନ୍ତରୁ ବହୁ ପ୍ରଜାତିର ପକ୍ଷୀ ମାନେ ଚିଲିକାକୁ ଆସିଥାନ୍ତି, ଚିଲିକାର ନଳବଣ ଠାରେ ପକ୍ଷୀ ବିହାର ହୋଇଥାଏ, ପର୍ଯ୍ୟଟକ ମାନେ ପ୍ରାକୃତିକ ପରିବେଶ, ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି।

ବାଣପୁର ସ୍ଥିତ ଶାଳିଆ ଡ୍ୟାମ ଅନ୍ୟ ଏକ ପର୍ଯ୍ୟଟନ ସ୍ଥଳୀ।ଏସିଆ ମହାଦେଶର ସର୍ବବୃହତ ଶାଳ ଶାଗୁଆନ୍ ଜଙ୍ଗଲ ଏହି ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ଦାମିଆ ବରବରାଠାରେ ଅବସ୍ଥିତ। ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏହି ଜିଲ୍ଲାରେ ଅବସ୍ଥିତ।

ଶିକ୍ଷାକୁ ନେଇ ସମୃଦ୍ଧ ଖୋର୍ଦ୍ଧା ଜିଲ୍ଲା । ଉଚ୍ଚ ଶିକ୍ଷା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଣପୁର ସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟ ଓ ଯୁକ୍ତ ୨ ଜୁନିୟର କଲେଜ, ମହିଳା ମହାବିଦ୍ୟାଳୟ, ଗମ୍ଭାରିମୁଣ୍ଡା ସ୍ଥିତ ପର୍ଶୁରାମ ମହାବିଦ୍ୟାଳୟ ରହିଛି । ଆଇନ ମହାବିଦ୍ୟାଳୟ, ମହାପ୍ରଭୁ ଶ୍ରୀଜଗନ୍ନାଥ ଆବାସିକ ମହାବିଦ୍ୟାଳୟ, ବିବେକାନନ୍ଦ ଆବାସିକ ମହାବିଦ୍ୟାଳୟ ମଧ୍ୟ ଅଛି। ବୈଷୟିକ ଶିକ୍ଷା ପାଇଁ ସରକାରୀ ସ୍ତରରେ ଆଇଟିଆଇ ନ ଥିବାବେଳେ ବେସରକାରୀ ଭାବେ ବିଶ୍ୱକର୍ମା ଆଇଟିଆଇ ଶିକ୍ଷାନୁଷ୍ଠାନ ରହିଛି । ବରୁଣେଇରେ ହାଇଟେକ୍, ଅମିତ୍, ଟେଲ ସିଟି ପ୍ରଭୃତି ଟି ଘରୋଇ ଇଞ୍ଜିନିୟରିଂ କଲେଜ ରହିଛି । ଶିକ୍ଷକ ପ୍ରଶିକ୍ଷଣ ପାଇଁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ସ୍କାଉଟ୍ ଗାଇଡ୍ ଓ ରୋଭର ରେଞ୍ଜରଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ରହିଛି।

ଏହି ଜିଲ୍ଲାରେ ଅନେକ ମହାପୁରୁଷ ଜନ୍ମ ନେଇ ଏହି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।

'ଛୋଟ ମୋର ଗାଁଟି'ର କବି ଜ୍ଞାନପୀଠ ବିଜେତା ଗୁରୁଜଙ୍ଗର ପଦ୍ମଶ୍ରୀ ସଚ୍ଚି ରାଉତରାୟ ଏହି ମାଟିର ଗୌରବ। ଯଶସ୍ୱୀ କବୟତ୍ରୀ କୁନ୍ତଳା କୁମାରୀ ସାବତ ଏହି ମାଟିର ଗର୍ବ। ଜୟୀ ରାଜଗୁରୁ,ବକ୍ସି ଜଗବନ୍ଧୁ,ପିଣ୍ଡିକି ବାହୁବଳେନ୍ଦ୍ର, ମାଧବଚନ୍ଦ୍ର ରାଉତରାୟ ଏହି ମାଟିର ଗର୍ବ ଓ ଗୌରବ। ପାଇକ ବିଦ୍ରୋହର ଶିଖା ବାଣପୁର ରେ ପ୍ରଜ୍ୱୋଳିତ ହୋଇଥିଲା ଓ ଏହାର ନେତୃତ୍ୱ ନେଇଥିଲେ ବିପ୍ଳବୀ ବୀର କୃତ୍ତିବାସ ପାଟଶାଣୀ। ବିପ୍ଳବୀ ବୀର ପାଟଶାଣୀଙ୍କ ନେତୃତ୍ୱରେ ପାଇକ ଯୋଦ୍ଧା ମାନଙ୍କୁ ନେଇ ବାଣପୁର ପଲଟଣ ପଡ଼ିଆ ଇଂରେଜ ମାନଙ୍କ ମଧ୍ୟରେ ସଶସ୍ତ୍ର ସଂଗ୍ରାମ ହୋଇଥିଲା, ସେହି ସଂଗ୍ରାମରେ ଇଂରେଜ ସେନାଧକ୍ଷ ବେଲ ସାହେବଙ୍କୁ ପରାସ୍ତ କରି ବାଣପୁରକୁ ୩ ଦିନ ସ୍ୱାଧିନତା ବିପ୍ଳବୀ ବୀର ପାଟଶାଣୀ। ପାଟଶାଣୀଙ୍କ ସଂଗ୍ରାମ ଦେଖି ଇଂରେଜ ମାନଙ୍କ ଭିତରେ ହୃଦ୍ କମ୍ପନ ଜାତ ହେଲା, କିନ୍ତୁ କିଛି କୁଚକ୍ରୀ ଗୋଷ୍ଠୀ ଇଂରେଜ ସହିତ ହାତ ମିଳାଇ ବିପ୍ଳବୀ ବୀର ପାଟଶାଣୀଙ୍କୁ ଇଂରେଜ ହାତରେ ଧରେଇ ଦେଲେ, ଇଂରେଜ ମାନେ ବୀର ପାଟଶାଣୀଙ୍କୁ ଆଣ୍ଡାମାନ ଦୀପପୁଞ୍ଜକୁ ନେଇ କାରାଗାରରେ ରଖିଲେ।

ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର, କବି ନିଆଁଖୁଣ୍ଟା ଗୋଦାବରୀଶ ମହାପାତ୍ର,ବିପ୍ଳବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର ପର୍ଶୁରାମ ହରିଚନ୍ଦନ, ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମବାୟବିତ୍ ଶଶୀଭୂଷଣ ହରିଚନ୍ଦନ, ଯାହାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା କବିତା ଯୁଗେଯୁଗେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। ପଣ୍ଡିତ ରଘୁନାଥ ମିଶ୍ର, ପ୍ରାଣନାଥ ପଟ୍ଟନାୟକ ଆହୁରି ଅନେକ ଖୋର୍ଦ୍ଧା ଜିଲ୍ଲାର ଗର୍ବ ଓ ଗୌରବ। ସୁପ୍ରିମକୋର୍ଟର ପ୍ରଥମ ଓଡ଼ିଆ ମୁଖ୍ୟ ବିଚାରପତି ବାଣପୁର ମାଟିର ପୁଅ ଚିଫ୍ ଜଷ୍ଟିସ୍ ରଙ୍ଗନାଥ ମିଶ୍ର, ତୃତୀୟ ମୁଖ୍ୟ ବିଚାରପତି ବାଣପୁର ମାଟିର ପୁଅ ଜଷ୍ଟିସ୍ ଦୀପକ ମିଶ୍ର ଆଦି ରହିଛନ୍ତି ।ଓଡ଼ିଶାରୁ ଦଶ ଜଣ ରାଜ୍ୟପାଳ ବିଭିନ୍ନ ପ୍ରଦେଶରେ ରହିସାରିଛନ୍ତି। ବାଣପୁର ମାଟିର ପୁଅ ଶ୍ରୀ ଲୋକନାଥ ମିଶ୍ର,ସେ ଆସାମର ଓ ନାଗାଲାଣ୍ଡର ରାଜ୍ୟପାଳ ଥିଲେ। ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆସାମର ରାଜ୍ୟପାଳ ଥିଲେ। ବାଣପୁର ମାଟିର ଗର୍ବ ଓ ଗୌରବ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ରହିଥିଲେ ବର୍ତ୍ତମାନ ଛତିଶଗଡ଼ର ରାଜ୍ୟପାଳ ଅଛନ୍ତି। ଖୋର୍ଦ୍ଧାର କ୍ଷେପଲ ଲୁଙ୍ଗି, ଜର୍ଦା ଗାମୁଛାର ବାଣପୁରର ବେତ କାର୍ଯ୍ୟର ସ୍ୱତନ୍ତ୍ର ପରିଚୟ ରହିଛି।

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ଧନ୍ୟ ଓଡ଼ିଆର ପ୍ରାଣ
### ପୁଷ୍ପାଞ୍ଜଳି ପଣ୍ଡା



ଗର୍ବରେ କହେ ବିଶ୍ୱ ଦରବାର
ଇତିହାସ ଓଡ଼ିଶାର
ଭାଷା ଯୁକ୍ତ ପ୍ରଦେଶର।

ଓଡିଆ ମୁହିଁରେ
ମୋ ଭାଷା ଓଡିଆ
ସର୍ବାଗ୍ରେ ସ୍ୱତନ୍ତ୍ର ରୁହେ
ଯା ତୁଳନା କେହି ନୁହେଁ।

କହିବି ଓଡିଆ ଲେଖିବି ଓଡିଆ
ମା ପରି ଭାଷା ଇଏ ମୋର
ଲାଗଇ ଶ୍ରୁତି ମଧୁର।

ଜଗତର ନାଥ ଶ୍ରୀଜଗନ୍ନାଥ ମୋ
ପରିଚୟ ଓଡିଶାର
ପୂଜେ ବିଶ୍ୱ ଦରବାର।

ମଧୁ ବାରିଷ୍ଟର ବିନ୍ଧାଣି ସାଜିଲେ
ଭାଷା ଆନ୍ଦୋଳନ ଫଳ
ହେଲା ସ୍ୱତନ୍ତ୍ର ଉତ୍କଳ ।

ଓଡିଆ ଚଳଣି ସଂସ୍କୃତି ସ୍ୱତନ୍ତ୍ର
ଓଡିଆ ଭାଷା ମହାନ
ଧନ୍ୟ ଓଡ଼ିଆର ପ୍ରା।

+କେନ୍ଦ୍ରାପଡ଼ା

## ଉତ୍କଳ ଦିବସ
### ନିରଞ୍ଜନ ସାହୁ



ଉତ୍କଳ ଦିବସ ଉତ୍କଳ ସନ୍ତାନ
ପାଳନ କରିବା ଆସ
ଉତ୍କଳ ମାତାର ଓଠରେ ହୋଇବ
ମୃଦୁ ହାସ ପରକାଶ ।

ଉତ୍କଳୀୟ ବୋଲି ଗର୍ବ
କର ସର୍ବେ
ନିଜ ପରିଚୟ ଦେଇ
ମାତୃଭୂମିର ଉନ୍ନତି ନିମିତ୍ତ
ଆସ ହେ ଶପଥ ନେଇ
ମାତୃଭୂମିର ସେବା କରି ସର୍ବେ
ମାତୃଭାଷାରେ ଭାଷ ।

ଭାଷା ଆନ୍ଦୋଳନ କରି ସମାପନ
ତତ୍କାଳୀନ ନେତୃଗଣ
ସ୍ୱତନ୍ତ୍ର ଉତ୍କଳ ଗଠନ କରିଲେ
ଦେଖାଇ ଆପଣା ପଣ
ସେହିଦିନ ଠାରୁ ଆମ୍ଭ ପରିଚୟ
ହୋଇଅଛି ପର୍ଦ୍ଦାଫାଶ ।

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଯେବେ
ଭାଷାଭିତ୍ତିକ ଏ ଉତ୍କଳ ପ୍ରଦେଶ
ଗଠନ ହୋଇଲା ତେବେ
ଆହେ ଉତ୍କଳୀୟ ଉତ୍କଳ ମାତାର
ସମସ୍ତ ଦୁଃଖକୁ ନାଶ ।

ମାତୃଭୂମିର ସେବାରେ ନିଜକୁ
ନିୟୋଜିତ ରଖିକରି
ମାତୃଭାଷାର ଉନ୍ନତି କର ହେ
ଆପଣା ଲେଖନୀ ଧରି
ଉତ୍କଳୀୟ ଭାଷା ବ୍ୟବହାର କର
ମାତୃଭାଷାରେ ଭାଷ ।

ନିହଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩



## ମୁଁ ସେହି ଓଡିଆ ସନ୍ତାନ
### ରାମଚନ୍ଦ୍ର ବେହେରା

ପୁଣ୍ୟ ଉତ୍କଳରେ ଜନମ ମୋହରି
ମାତୃଭାଷା ମୋର ଓଡିଆ
ଓଡିଆ ଜାତିର ଗୌରବ ଗାରିମା
ଭାଷାଂକ ମଧ୍ୟରେ ବଢିଆ।

ବୀର ସନ୍ତାନଂକ
ତ୍ୟାଗ ଓ ପ୍ରୟାସେ
ହୋଇଥିଲା ତା'ର ବିଜୟ
ଉତ୍କଳ ଭୂଇଁକୁ ସ୍ୱତନ୍ତ୍ର ରାଜ୍ୟର
ମିଳିଥିଲା ସୁପରିଚୟ।

ଛତିଶି ମସିହା ଏପ୍ରିଲ୍ ପହିଲା
ସ୍ୱର୍ଣ୍ଣାକ୍ଷରେ ହେଲା ରଚିତ
ଆମ ପ୍ରିୟ ରାଜ୍ୟ
ଭାରତରେ ହେଲା
ଉତ୍କଳ ନାମରେ ନାମିତ।

ଉତ୍କଳ ଗୌରବ ପ୍ରିୟ ମଧୁବାବୁ
ନିର୍ଭୀକ ଫକିର ମୋହନ
ଉତ୍କଳର ମଣି ଗୋପବନ୍ଧୁ ଦାସ
ଲଢିଥିଲେ ମହା ସଂଗ୍ରାମ।

କବି ଗଂଗାଧର ରାଧାନାଥ ରାୟ
ନିଳକଣ୍ଠଂକର ପ୍ରୟାସ
ତାଂକ ସେବା ତ୍ୟାଗ
ବଦଳରେ ଆମେ
ପାଇଥିଲୁ ଖୁସି ଅଶେଷ।

କେତେ ଦୁଃଖ ଆଉ
କଷଣ ସହି ସେ
ଲଢିଥିଲେ ହୋଇ ଏକତ୍ର
ତାଂକ ଇତିହାସ ମାତୃଭୂମି ପ୍ରେମ
ସମ୍ମାନ ପାଉଛି ସର୍ବତ୍ର।

ସେଇ ଜନ୍ମ ଭୂଇଁ ପବିତ୍ର ମାଟିରେ
ଜନମ ନେଇଛି ମୁହିଁରେ
ତା'ର ବିକାଶରେ
ହାତ ବଢେଇବି
ରଖିବି ତା ନାଆଁ ଶୀର୍ଷରେ।

ଭ୍ରଷ୍ଟାଚାର ନୀତି ଅନ୍ୟାୟ ବିରୁଦ୍ଧେ
ରାଇଜେ କରିବି ଆହ୍ୱାନ
ସ୍ନେହ ଶ୍ରଦ୍ଧା ସହ ସତ୍ୟନିଷ୍ଠ ଜନେ
ହୃଦେ ଦେବି ମାନ ସମ୍ମାନ।

ବୀର ସନ୍ତାନଂକ
ଆଶା ଓ ଆକାଂକ୍ଷା
ନିଷ୍ଠେ ମୁଁ କରିବି ପୂରଣ
ଶ୍ରମଦାନ କରି ଗର୍ବରେ କହିବି
ମୁଁ ସେହି ଓଡିଆ ସନ୍ତାନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## ଆମ ଓଡିଶା
### ଦେବେନ୍ଦ୍ର କୁମାର ରାଉଳ



ସବୁଠୁ ସୁନ୍ଦର ଆମ ଓଡିଶା
ମଧୁର ଲାଗଇ ଓଡିଆ ଭାଷା।

ସ୍ୱତନ୍ତ୍ର ପ୍ରଦେଶ ଉତ୍କଳ ଭୂଇଁ
ଧନ୍ୟ ଆମେ ତା'ର
ସନ୍ତାନ ହୋଇ।

ମାତୃଭୂମି ପାଇଁ କରୁ ଗରବ
ମାଟି ମାଆ ପରି
କିଏ ସେ ହେବ।

ଆମ ସ୍ୱାଭିମାନୀ ପୂର୍ବ ପୁରୁଷ
ରଖିଛନ୍ତି ଏଇ ଜାତିର ଯଶ।

ଓଡିଶାର କେତେ କବି ଲେଖକ
ରଖିଛନ୍ତି ମାଟି ମାଆର ଟେକ।

ଅନୁସରି ଆମେ ତାଙ୍କରି ପଥ
ବଢାଇବୁ ଆମେ ଏକତା ହାତ।

ଗଢିବୁ ରାଇଜ କରି ନିଆରା
ପ୍ରଶଂସା ପାଇବ ଦୁନିଆ ସାରା।

+ଜୁଣଗଡି, ରାଜନଗର,
କେନ୍ଦ୍ରାପଡା
ମୋ: ୮୮୯୫୭୪୬୫୬୫

## ରଖିବା ଜାତିର ଲାଜ
### କାର୍ତ୍ତିକ ସେଠୀ



ଜଗନ୍ନାଥ ଧାମ
ପୁଣ୍ୟଭୂମି ନାମ
ଉତ୍କଳ ଆମ ରାଇଜ
ଏ ମାଟି ସଂସ୍କୃତି
ମହାନ ଯେ ଅତି
ରଖିବା ତାହାରି ଲାଜ ।

ତା' କୋମଳ ଭାଷା
ବିଷାଦେ ମୀମାଂସା
ଚନ୍ଦନ ତା' ପଦ ରଜ
ସମୃଦ୍ଧି ତାହାର
ମୋ' ମାନ ଭଣ୍ଡାର
ରଖିବା ତାହାରି ଲାଜ ।

ଷଷ୍ଠ ଶାସ୍ତ୍ରୀୟରେ
ଦ୍ୱିତୀୟ ଆର୍ଯ୍ୟ ରେ
ଭାଷା ମୋ' ଅତୁଳନୀୟ
ଭଞ୍ଜ, ଦୀନକୃଷ୍ଣ ଫକୀରମୋହନ
ନାମେ ଆମ ପରିଚୟ ।

କଥାରେ ନୁହଁଇ
କାମରେ କରିବା
କହି କରିବାଟି ଆଜ,
ମିଠା କଥା କହି
ଅନ୍ୟେ ନେବା ମୋହି ,
ରଖିବା ଭାଷାର ଲାଜ ।

ବିଶ୍ୱ ଦରବାରେ
ସେ ଦେଶ ମହତ
ଯେ ଦେଶ ଭାଷାରେ ଉନ୍ନତ
ସ୍ୱାଭିମାନେ ସିଦ୍ଧ
ଜାପାନକୁ ଦେଖ
ଦେଶଟି କିପରି ସମୃଦ୍ଧ ।

'ଇଂଲିଶ୍ ରନ୍' ରେ
ଭୁଲିଛୁ 'ଦୌଡ଼' କୁ
ହରାଉଛୁ ଆମ ଲାଜ
ଭାଷାପ୍ରୀତି ବହ୍ନି
ଜଳାଇ ହୃଦୟେ
ପୂର୍ବ ଗଉରବ ଖୋଜ ।

ବଢାଇ ପୀରତି
ଗାଇବା ସେ ଗୀତି
ହୃତ ଗଉରବ ଗାଥା ,
କଥାରେ କାମରେ
ଚିନ୍ତା ଚେତନାରେ
ପୂଜିବା ଉତ୍କଳ ମାତା ।

+ ଚଉମୁଖ , ବାଲିଆପାଳ,
ବାଲେଶ୍ୱର

## ଓଡ଼ିଆ ବୋଲି ତ !
### ଦିନେଶ ମେହେର

କଳା ଠାକୁର,
ଜାଣିଛି, ନିମ୍ବକାଠ ଅବା ତୁମ ଅସ୍ତିତ୍ୱ
ଅବା ଇନ୍ଦ୍ରଦ୍ୟୁମ୍ନ ଙ୍କ ଭକ୍ତି
ଆଜି ବି ଲିଭି ଯାଇନି
ଇତିହାସ ବହିର ସେଇ ପୃଷ୍ଠାରୁ,
ଯେଉଁଠି ତମେ ଆଉ ତମ ଜାତି
ଲିପିବଦ୍ଧ ହେଇ ରହି ଆସିଛ
ଉତ୍କଳ ସଂସ୍କୃତିରେ !



ମୁଁ ତ ଆଜନ୍ମ ମୂର୍ଖଟେ,
ଯେତକ ଶୁଣିଛି 'ଶବର ଗୋଷ୍ଠୀର
ନୀଳ ମାଧବ ତୁମେ',
ଦଶାବତାରରେ 'ଜଗନ୍ତ ' ଭାବେ ତୁମେ ପରିଚିତ,
ପୁଣି ମାଦଳା, ଅବା ଜଗନ୍ନାଥ ନାମ ତୁମର ପରିଚୟ !

ଜାଣିଛ
ଓଡ଼ିଆ ବୋଲି ତ ମୁଁ ଗର୍ବ କରେ,
ମୁଁ ଗର୍ବିତ ତୁମେ ମୋ ଆରାଧ ବୋଲି,
ଏଇ ହାତୀନଦୀରୁ ମହୋଦଧି ଯାଏଁ
ଜୁନାଗଡ଼ରୁ ପୁରୀ ଶ୍ରୀକ୍ଷେତ୍ର ଯାଏଁ
ପ୍ରଶସ୍ତ ତୁମର ଚକା ଆଖି,
ବିସ୍ତାରିତ ତୁମର ଦୁଇ ବାହୁ,
କେବେ ଉପେକ୍ଷା କରି ପାରିନି
ଦୀନ, ଦରିଦ୍ର ଅବା ଅରକ୍ଷିତର ଦୁର୍ଦ୍ଦିନକୁ,

ଏଇଠି ତ ଦିନେ
ହଜି ଯାଇଥିଲା ଓଡ଼ିଆ ପୁଅର ଭାଗ୍ୟ,
ବିଛେଇ ହେଇ ପଡ଼ିଥିଲା ମୁଠା ମୁଠା ଆଶା,
ନିଜ ଜାତି ପ୍ରତି, ନିଜ ମହତ ପ୍ରତି
ଉଠି ଯାଇଥିଲା ବିଶ୍ୱାସ;
ପୁଣି
ଅନେକ ଦିନ ପରେ ଜନ୍ମ ନେଇଥିବା
ମହା ସଂଗ୍ରାମ ରେ ଉତୁରି ଆସିଥିଲା
ଓଡ଼ିଶାର ସଂପୂର୍ଣ୍ଣ ସଂଜ୍ଞା,
ସେଇ ଶିଳାଲେଖ,
ଅଶୋକ, ଖାରବେଳ, ଚନ୍ଦ୍ରଗୁପ୍ତ
ଆଜି ବି ମନେ ପଡ଼ନ୍ତି,
ଆଜି ବି ରାଧାନାଥ,
ଗଙ୍ଗାଧର ଅବା ଗୋପୀନାଥ
ଅବା ମୋଟା ମୋଟା ଉପନ୍ୟାସ,
କବିତା ଆଉ କେତେ କେତେ ପୋଥି
ଛାଇ ଯାଆନ୍ତି ଏଇ ଆଖି ଆଗରେ,
ସବୁ ତ ମନେ ପଡ଼ିଯାଏ,
ଥରେ ଇତିହାସ ଭିତରେ
ଖୋଜୁ ଖୋଜୁ ଓଡ଼ିଶାର ଅତୀତକୁ !

ତଥାପି,
କେଉଁ ନିସଙ୍ଗ ପାହାଡ଼ରେ ତ
ଲୁଚି ରହିଥିବ ଉତ୍କଳର ସଂପୂର୍ଣ୍ଣ ସତ୍ତା,
ହୁଏତ ଦେଓମାଳି, ନିୟମଗିରି
ଅବା କୋଣାର୍କର ଭଗ୍ନସ୍ତୁପରେ
ବେଳେ ବେଳେ ନିସଙ୍ଗତା ଭିତରେ
ଗୁଞ୍ଜରିତ ହେଇଚାଲୁଥିବା
ପ୍ରତିଧ୍ୱନି ହିଁ ତ ଚେତେଇ ଦିଏ
ଏଇ ଉତ୍କଳର ଅତୀତ, ବର୍ତ୍ତମାନ
ଅବା ଭବିଷ୍ୟତର ଦଶଦିଗକୁ !

+ପଳାସ, କଳାହାଣ୍ଡି

## ଉତ୍କଳ ଦିବସ
### ପ୍ରଦୀପ୍ତ କୁମାର ଦାସ

ଉତ୍କଳ ଦିବସ ଆଜି...
ଶାନ୍ତି ଭେରୀ ଉଠେ ବାଜି-
ଉତ୍କଳ ମାତାର ଦିବ୍ୟ
ଅଧରରେ...
ମୃଦୁ ହସ ଯାଏ ସୃଜି,
ସବୁଠି ଝରଇ ମଧୁ...
ନାଚଇ ପରାଣ ବଧୂ-
ଅନ୍ତର ତଳେ ମୂରୁଛନା
ତୋଳେ...
ମମତାର ମହା ସିନ୍ଧୁ,
ଶୁଭେ ଶୁଭ ସାହାନାଇ...
ମଇତ୍ରୀ ଗୀତିକା ଗାଇ-
ପ୍ରତିଟି ଅନ୍ତରେ ପୀରତି
ମହକେ...
ତୃପ୍ତି ପରଷିବା ପାଇଁ,
ପ୍ରତିହିଂସା ଯାଏ ତୁଟି...
ମହଭାବ ପଡ଼େ ଫିଟି -
ବିଶ୍ୱାସ ଆଙ୍କେ ବିଶ୍ୱ ବୁକୁରେ...
ଆତ୍ମୀୟତାର ଝୋଟି,
ଆଜିର ଏ ଶୁଭ କ୍ଷଣେ...
ଅଳି କରେ ଶ୍ରୀଚରଣେ-
ଝରୁଥାଉ ସଦା ଏକତାର ସୁଧା...
ସତ୍ୟ ଶାନ୍ତି ଜାଗରଣେ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୂର, ଯାଜପୁର, ଓଡ଼ିଶା
ପିନ୍-୭୫୫୦୧୩
ମୋ -୮୫୯୪୮୮୫୮୯୮

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ଏପ୍ରିଲ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାମନୀଷୀ ବାଣୀ...

ସତ ଯୋତାର ଫିତା ବାନ୍ଧୁଥିଲା ବେଳେ ମିଛ ଅଧାବାଟ ଯାଇ ସାରିଥାଏ'- କହିଥିଲେ କେହି ଜଣେ ମହାମନୀଷୀ । ପୁଣି ଅନ୍ୟ ଏକ ପ୍ରବାଦ ମଧ୍ୟ ରହିଛି ସତ ଓ ମିଛକୁ ନେଇ- 'ସତର ଗୋଟିଏ ପାଦ ହୋଇଥିଲା ବେଳେ ମିଛର ସହସ୍ର ପାଦ ହୋଇଥାଏ।' ସେ ଯାହା ବି ହେଉ, ସତକୁ ଯେତେ ଲୁଚାଇଲେ ବି ଲୁଚେନାହିଁ, ବରଂ ପଦାକୁ ଦିନେ ନା ଦିନେ ଆସିଥାଏ ବୋଲି ଆମ ସମାଜରେ ସଚରାଚର ବିଶ୍ୱାସଟିଏ ରହିଛି। ଅବକାରୀ ନୀତିରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତିକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପରିପ୍ରେକ୍ଷୀରେ ଏସବୁ ପ୍ରବାଦଗୁଡ଼ିକର କେତେ ତାତ୍ପର୍ଯ୍ୟ ରହିଛି, ତା'ର ଉତ୍ତର ଅବଶ୍ୟ ସମୟ ଦେବ ; ଏମିତି ବି ହୋଇପାରେ ଉତ୍ତର ମିଳିବା ବେଳକୁ ସମୟ ହାତରୁ ଚାଲି ଯାଇଥିବ, କିନ୍ତୁ ଉତ୍ତର ମିଳିବ ବୋଲି ଆଶା କରାଯାଇପାରେ । କୋର୍ଟକୁ ନିଆଯିବା ବେଳେ ଶ୍ରୀଯୁକ୍ତ କେଜ୍ରିୱାଲ ତାଙ୍କ କ୍ଷେତ୍ରରେ ଘଟୁଥିବା ଘଟଣାଗୁଡ଼ିକୁ 'ରାଜନୀତିକ ଷଡ଼ଯନ୍ତ୍ର'ର ଆଖ୍ୟା ଦେଇଛନ୍ତି । ପୁନଶ୍ଚ, ଆସ୍ଥା ପ୍ରକଟ କରିଛନ୍ତି ଯେ ଜନସାଧାରଣ 'ଏହି ଅନ୍ୟାୟର ଉପଯୁକ୍ତ ଜବାବ ଦେବେ।' ତେବେ ଏସବୁ ଭିତରେ କେତେକ ବିଦେଶୀ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟ ତାଙ୍କ ଗିରଫ ସହିତ ତାଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାରକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି, ଯାହାକୁ ନେଇ ଭାରତ କ୍ଷୁବ୍ଧ ହୋଇଛି ଏବଂ କ୍ରୋଧିତ ସ୍ୱରରେ ଦାବି କରିଛି ଯେ ସେମାନେ ଅନ୍ୟ ରାଷ୍ଟ୍ରମାନଙ୍କର 'ସାର୍ବଭୌମତ୍ୱ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ।' ଭାରତର ନ୍ୟାୟିକ ପ୍ରକ୍ରିୟାଗୁଡ଼ିକ ସ୍ୱାଧୀନ ନ୍ୟାୟପାଳିକା ଉପରେ ଆଧାରିତ ଯାହା ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରି ସଠିକ୍ ସମୟରେ ବିଚାର ପ୍ରଦାନ କରିଥାଏ । ଶ୍ରୀଯୁକ୍ତ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା। ତାଙ୍କର ଗିରଫକୁ ନେଇ ଜର୍ମାନୀ ଅଧିକ ନିର୍ଦ୍ଦିଷ୍ଟତା ପ୍ରକାଶ କରି କହିଛି, ଏହା ଆଶା କରୁଛି ଯେ 'ନ୍ୟାୟପାଳିକାର ସ୍ୱାଧୀନତା ଏବଂ ମୌଳିକ ଗଣତାନ୍ତ୍ରିକ ନୀତିଗୁଡ଼ିକ ସମ୍ପର୍କିତ ମାନଦଣ୍ଡଗୁଡ଼ିକ ଏହି କ୍ଷେତ୍ରରେ ପ୍ରୟୋଗ କରାଯିବ' ଏବଂ 'ଆଇନର ଶାସନର କେନ୍ଦ୍ରୀୟ ଉପାଦାନ ହେଉଛି ନିରପରାଧ ହୋଇଥିବାର ଅନୁମାନ ଯାହା ତାଙ୍କ କ୍ଷେତ୍ରରେ ପ୍ରୟୋଗ ହେବା ଉଚିତ।' ନିର୍ବିବାଦୀୟ କଥା ହେଉଛି, ଲୋକସଭା ନିର୍ବାଚନ ହେବାକୁ ଖୁବ୍ ବେଶୀରେ ଆଉ ମାସେ ସମୟ ଥିବା ବେଳେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକୁ ପ୍ରାୟତଃ ଅଚଳ କରି ଦିଆଯାଇ ଏହାର ପ୍ରଚାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରାଯାଇଛି। ଦୁଇଜଣ ବରିଷ୍ଠ ରାଜନେତା, ଯେଉଁମାନଙ୍କ ମଧ୍ୟରୁ ଜଣେ ମୁଖ୍ୟମନ୍ତ୍ରୀ ଏବଂ ଆଉ ଜଣକୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା, ସେମାନେ ବର୍ତ୍ତମାନ ଏକ ମଧ୍ୟଯୁଗୀୟ ଆଇନ ବଳରେ ଗିରଫ ହୋଇଛନ୍ତି, ଯେଉଁ ଆଇନ ମାନିବାକୁ ପ୍ରସ୍ତୁତ ନୁହେଁ କି 'ଜାମିନ ହେଉଛି ନିୟମ ଏବଂ ଜେଲ୍ ହେଉଛି ବ୍ୟତିକ୍ରମ।' ସବୁଠୁ କଦର୍ଯ୍ୟ କଥା ହେଉଛି, ଏହି ଆଇନ ବଳରେ ଅଧିକାରୀମାନେ ଯେତେବେଳେ ଗିରଫ କରୁଛନ୍ତି, ସେମାନେ ଜଣେ ବ୍ୟକ୍ତିଙ୍କ ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ପୂର୍ବରୁ ସେମାନଙ୍କ ଉପରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ବେଖାତିର କରୁଛନ୍ତି। ମନି ଲଣ୍ଡରିଂ ଆଇନ, ୨୦୦୨ର ଧାରା ୧୯ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କର ଜଣେ ଅଧିକାରୀଙ୍କୁ ଜଣେ ବ୍ୟକ୍ତିଙ୍କୁ 'ତାଙ୍କ ଅଧିକାରରେ ଥିବା ସାମଗ୍ରୀଗୁଡ଼ିକ ଆଧାରରେ' ଗିରଫ କରିବାର ଅଧିକାର ପ୍ରଦାନ କରିବାକୁ ଯାଇ ଏକଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଭୌତିକ ସାକ୍ଷ୍ୟ ଆଧାରରେ ଗିରଫ କରାଯିବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ ସମାନ ମାମଲାରେ ସମାନ ଏଜେନ୍ସିକୁ ଅଳ୍ପ କେତେ ମାସ ପୂର୍ବେ ଏହା ନିକଟରେ ଅନ୍ୟ ଜଣେ ବିରୋଧୀ ରାଜନେତା ମନୀଷ ସିସୋଦିଆଙ୍କ ବିରୋଧରେ କେବଳ ଅନୁମୋଦନକାରୀଙ୍କ ବିବୃତି ବ୍ୟତୀତ ଅନ୍ୟ କିଛି ପ୍ରମାଣ ନଥିବା କହି ସାରିଛନ୍ତି, ଯାହା କ୍ୱଚିତ୍ ଆଇନଗତ ବଳିଷ୍ଠତା ସାବ୍ୟସ୍ତ କରି ପାରିବ। ଅପର ପକ୍ଷରେ, ଜାମିନ ପ୍ରଦାନକୁ ନେଇ କୋର୍ଟ ଦୃଢ଼ ସର୍ତ୍ତାବଳୀଗୁଡ଼ିକ ଅନୁସରଣ କରିବା ଉପରେ ଏଜେନ୍ସି ଗୁରୁତ୍ୱାରୋପ କରୁଛି, ଯେତେବେଳେ କି ଗିରଫର ସର୍ତ୍ତାବଳୀଗୁଡ଼ିକୁ ହାଲ୍‌କା ଭାବରେ ନେଉଛି । ବସ୍ତୁତଃ, ନାଗରିକମାନଙ୍କୁ ଆଇନ ପ୍ରଦାନ କରୁଥିବା ପ୍ରତ୍ୟେକଟି ଆଇନଗତ ସୁରକ୍ଷାର ଗୁରୁତ୍ୱକୁ ଆମେ ନିଛକ ଭାବରେ ହ୍ରାସ କରୁଛୁ ଏବଂ ତା'ପରେ ଯେଉଁମାନେ ଏ ବାବଦରେ ଚିନ୍ତା ପ୍ରକଟ କରୁଛନ୍ତି, ସେମାନଙ୍କ ଉପରେ କ୍ରୋଧ ପ୍ରକାଶ କରୁଛୁ । ଭାରତ ଏକଥାକୁ ଏକ ସ୍ୱାଭାବିକ ଘଟଣା ଭାବରେ ମାନିନେବା ଆବଶ୍ୟକ ଯେ ବିଶ୍ୱର ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର, ବିଶେଷକରି ମିତ୍ର ରାଷ୍ଟ୍ରମାନେ ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର ଗତିବିଧି ଉପରେ ନଜର ରଖିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ ୟୁଏସ୍ କ୍ୟାପିଟଲ ଉପରେ ୨୦୨୧ ଜାନୁଆରୀ ୬ ତାରିଖରେ ହୋଇଥିବା ଆକ୍ରମଣର ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିଥିଲେ। ତେଣୁ ଭାରତ ପ୍ରଥମେ ନିଜ ଗୋଡ଼କୁ ଦେଖିବା ଉଚିତ।

# ଉତ୍କଳ ଦିବସର ଅନୁଚିନ୍ତା



### ଅରବିନ୍ଦ ତ୍ରିପାଠୀ



୧ ଏପ୍ରିଲ୍ ୧୯୩୬ ମସିହାରେ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଲା। ଏହି ଗୌରବମୟ ସଫଳତା ପାଇଁ ନିଜକୁ ସାମଗ୍ରୀକ ଭାବେ ଉତ୍ସର୍ଗ କରିଥିବା ମହାନ ସନ୍ତାନମାନଙ୍କ ଅବଦାନ ଅବିସ୍ମରଣୀୟ। ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଫକୀର ମୋହନ ସେନାପତି, ବୀର ସୁରେନ୍ଦ୍ର ସାଏ, କର୍ମବୀର ଗୌରୀଶଙ୍କର ରାୟ ପ୍ରମୁଖ। ଉତ୍କଳ ପ୍ରଦେଶ ସ୍ୱତନ୍ତ୍ର ଭାବରେ ଗଠନ ହେବା ୮୮ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଏହା ଭିତରେ ବହୁ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ପରିବର୍ତ୍ତନର ଅଭିବୃଦ୍ଧି ଘଟିଛି। ମାତ୍ର ଆଜି ମଧ୍ୟ ଓଡ଼ିଶାର କେତେକ ଅଂଚଳକୁ ଆନ୍ଧ୍ର ନିଜ ଅଂଚଳ ଭାବେ ମାନଚିତ୍ରରେ ଦେଖାଉଛି । ଉଦାହରଣ ସ୍ୱରୂପ- ଓଡ଼ିଶା ଆନ୍ଧ୍ର ସୀମାରେ ଥିବା କୋଟିଆ ଆନ୍ଧ୍ର ସରକାର କଳେବଳେ କୌଶଳେ ଏହି ଅଂଚଳକୁ ନିଜ ରାଜ୍ୟକୁ ନେବା ପାଇଁ ସମସ୍ତ ପ୍ରକାର ଯୋଜନା ଚଳାଇଛନ୍ତି । ଏହାର ପ୍ରତିବାଦରେ ଓଡ଼ିଶାର କେତୋଟି ଦୃଶ୍ୟ-ଶ୍ରାବ୍ୟ ଗଣମାଧ୍ୟମ ଓ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଗୋଟିଏ ଜାତିର ମାତୃଭାଷା ହିଁ ତାର ଶ୍ରେଷ୍ଠ ସମ୍ପଦ। ଯେଉଁ ରାଜ୍ୟରେ ମାତୃଭାଷା ଯେତେ ଉନ୍ନତ, ସମୃଦ୍ଧ ସେହି ଜାତି ସେତେ ଉନ୍ନତ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା।" ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ରଚେଷ୍ଟାରେ ସମସ୍ତ ଓଡ଼ିଆ ଭାଷା ଭାଷୀ ଅଂଚଳକୁ ଏକତ୍ର କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟଭାବେ ଗଠନ କରିବାର ଉଦ୍ୟମ ବେଶ୍ ପ୍ରଶଂସନୀୟ ହୋଇଥିଲା।

ଉତ୍କଳ ସ୍ୱାଧୀନତା ହେବାର ୮୮ ବର୍ଷ ଅତିକ୍ରାନ୍ତ ହେଲାଣି ମାତ୍ର ସମ୍ପୂର୍ଣ୍ଣ ଉତ୍କଳ ଗଠିତ ହୋଇପାରିନାହିଁ । ଆଜି ବି ଉତ୍କଳର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯେପରିକି ସରେଇକଳା ଠାରୁ ଆରମ୍ଭ କରି ସିଂହଭୂମି, ଚକ୍ରଧରପୁର, ଚାଇଁବସା ପଶ୍ଚିମାଂଚଳର ମେଦିନାପୁର ଆଦି ଉତ୍କଳର ଅଂଶବିଶେଷ ଥିଲା । ଯେପର୍ଯ୍ୟନ୍ତ ଏ ଅଂଚଳ ଉତ୍କଳ ଭୂମିରେ ମିଶି ନାହିଁ ଆମେ କହିପାରିବା ନାହିଁ ଯେ ଓଡ଼ିଶା ସଂପୂର୍ଣ୍ଣ ସ୍ୱାଧୀନତା ପାଇଛି ।

ଯେଉଁ ବୀର ପାଇକମାନେ, ମହାପୁରୁଷମାନେ ଏତେ କଷ୍ଟ କରି ନିଜ ପ୍ରାଣବଳୀକୁ ଦେଇ ଉତ୍କଳକୁ ସ୍ୱାଧୀନତା ଦେଲେ ଏବଂ ଆମର ମା', ମାଟି ଏବଂ ମାତୃଭାଷା ପାଇଁ ସମସ୍ତ ସଂଗ୍ରାମ ଅବ୍ୟାହତ ରଖିଥିଲେ ପ୍ରତିଦାନରେ ଆମେ ଓ ଆମ ସରକାର ପ୍ରକୃତ ମୂଲ୍ୟ ଏହି ସ୍ୱାଧିନତାର ଦେଇପାରିଛନ୍ତି କି ? ଓଡିଆ ଭାଷା ପାଇଁ ଆଜି ଆମକୁ ରାଜରାସ୍ତାରେ ଓହ୍ଲାଇବାକୁ ପଡୁଛି। ରାଜନୀତିର ଛକାପଞ୍ଝା ଭିତରେ ଅରୋପ ପ୍ରତ୍ୟାରୋପ, ଚେକ୍‌ମେଟ୍‌ର ଖେଳର ପରଦା ପଛରେ ଚାଲିଛି। ଭାଷା ଆନ୍ଦୋଳନ ଓଡ଼ିଆ ସ୍ୱାଭିମାନର ସ୍ୱର ଭାବରେ ଉଭା ହୋଇପାରିଛି । ୧୩ ଏପ୍ରିଲ୍ ୨୦୧୬ ମସିହାଠାରୁ ନୀରବ କଳା ପତାକା ଅଭିଯାନ ଆରମ୍ଭ କରାଯାଇଥିଲା। ଓଡିଆ ଶାସନ ଓଡିଆରେ ହେବା, ଭାଷାର ସୁରକ୍ଷା ଓ ଓଡିଆ ଭାଷା ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିବା ପାଇଁ ରାଜରାସ୍ତାରେ ସମସ୍ତ ବର୍ଗର ସ୍ୱାଭିମାନୀ ଓଡ଼ିଆ ଭାଷାପ୍ରାଣମାନେ ଦୀର୍ଘ ୭୧୭ ଦିନ ନୀରବ କଳାପତାକା ଅଭିଯାନ କରିବା ପରେ ସରକାର ଶେଷରେ ବାଧ ହୋଇ ୨୦୧୮ ସେପ୍ଟେମ୍ବର ୧୯ ତାରିଖରେ ବିଧାନସଭାରେ ଓଡ଼ିଆ ଭାଷା ସରକାରୀ ଭାବେ ଓ ଭାଷା ଉଲ୍ଲଘଂନକାରୀଙ୍କୁ ଦଣ୍ଡ ବିଧାନ କରିବା ପାଇଁ ବ୍ୟବସ୍ଥା କରାଇଲେ। ସର୍ବସମ୍ମତିକ୍ରମେ ଏହି ପରିପ୍ରେକ୍ଷୀରେ ବିଧେୟକ ଗୃହୀତ ହେଲା। ଦୀର୍ଘ ୮୭୮ ଦିନ ରେ ଭାଷା ଆନ୍ଦୋଳନର ଏହି ଅଭିଯାନ ସଫଳତା ପ୍ରାପ୍ତ କଲା। ଏହି ଅଭିଯାନର ସଭାପତି ବରିଷ୍ଠ ସାମ୍ବାଦିକ ଓଡ଼ିଶା ନାଗରିକ ମଂଚର ସଭାପତି, ଭାଷାପ୍ରାଣ ପ୍ରଦ୍ୟୁମ୍ନ ଶତପଥୀ, ଅଧକ୍ଷ ଓଡ଼ିଆ ଭାଷାପ୍ରାଣ ଚକ୍ରଧର ମହନ୍ତ, ଆବାହକ ଓଡ଼ିଆ ଭାଷାପ୍ରାଣ ପବିତ୍ର ମୋହନ ମହାରଥାଙ୍କ ଉଦ୍ୟମରେ ଓଡ଼ିଶାର ସବୁ ପ୍ରାନ୍ତରୁ ଭାଷା ଆନ୍ଦୋଳନକୁ ସମର୍ଥନ ମିଳିବା ସହ ଶେଷରେ ସଫଳତା ମିଳିଲା। ଓଡ଼ିଆ ଭାଷାପ୍ରାଣ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କଠାରୁ ଆରମ୍ଭ କରି ସ୍ୱରାରବିନ୍ଦ ଅରବିନ୍ଦ ମୁଦୁଲିଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଟି ସ୍ୱାଭିମାନୀ ଓଡ଼ିଆଙ୍କ ଆନ୍ତରିକ ଶ୍ରଦ୍ଧା, ଉଦ୍ୟମ, ନିଷ୍ଠା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ମାତ୍ର ଆହୁରି ଅନେକ କାମ ଉତ୍କଳ ପାଇଁ କରିବାର ଅଛି। ପୂଜ୍ୟ ପ୍ରତିମୂର୍ତିମାନଙ୍କ ସୁରକ୍ଷା, ପୂଜ୍ୟମାନଙ୍କୁ ଯଥାଚିତ ସମ୍ମାନ ପ୍ରମୁଖ କାମ ସରକାର ଆନ୍ତରିକତାର ସହ କରିବା ପାଇଁ ଆଗେଇ ଆସିବା ଉଚିତ୍। ଭାଷା ହେଉଛି ଆମ ଜନନୀ ସଦୃଶ । ଏହା ଆମ ପରମ୍ପରା, ଐତିହ୍ୟ ଓ ସାଂସ୍କୃତିକ ସଂରକ୍ଷକ ତଥା ବାହକ। ଓଡ଼ିଶାର ପ୍ରତ୍ୟେକ ନାଗରିକ ଓଡ଼ିଆ ଭାଷା, ଉତ୍କଳ ମାଟି ପାଇଁ ସଦାସର୍ବଦା କର୍ମ କରିବା ପାଇଁ ଆଗେଇ ଆସିବା ଉଚିତ୍। ସରକାର ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାମିତ କରାଯାଇଥିବା ରାଜରାସ୍ତାକୁ ପରିବର୍ତ୍ତନ କରିବା ଘୋର ପରିତାପର ବିଷୟ। ଏହି ପରିପ୍ରେକ୍ଷୀରେ ବହୁ ବର୍ଷ ଆଗରୁ ଅଭିମନ୍ୟୁ ସାମନ୍ତ ସିଂହାର ମାର୍ଗ ନାମରେ ନାମିତ ହୋଇଥିବା ଭୁବନେଶ୍ୱରର ଗୋଟିଏ ରାଜରାସ୍ତାକୁ ସଂନ୍ଥ ମଦର ଟେରେସାଙ୍କ ନାମରେ ନାମିତ କରାଇଛନ୍ତି। ଏଠାରେ ଆମେ ଏବଂ ସମସ୍ତ ଏକମତ ହେବେ ଯେ ସମାଜସେବାର ମୂର୍ତିମନ୍ତ ପ୍ରତୀକ ହେଉଛନ୍ତି ମଦର ଟେରେସା। ତାଙ୍କୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ ମାତ୍ର ପୂର୍ବରୁ ସେହି ରାସ୍ତାଟି ଅଭିମନ୍ୟୁ ସାମନ୍ତ ସିଂହାର ନାମରେ ସରକାର ନାମିତ କରିଥିଲେ । ପୁନର୍ବାର ସରକାର ତାଙ୍କ ନାମକୁ କାଢି ସେହି ରାଜରାସ୍ତାଟିକୁ ମଦର ଟେରେସାଙ୍କ ନାମରେ ନାମିତ କରିଲେ । ଆମେ ଜଣଙ୍କୁ ସମ୍ମାନୀତ କରି କ'ଣ ତାଙ୍କଠାରୁ ସମ୍ମାନ କାଢି ଆଣୁ କି ? ଏହି ଘଟଣା ସମସ୍ତ ସ୍ୱାଭିମାନୀ ଓଡିଆ, ବୁଦ୍ଧିଜିବୀ ଓ ଅଭିମନ୍ୟୁ ସ୍ମୃତି ସଂସଦକୁ ଦାରୁଣ ଆଘାତ ଦେଇଥିଲା । ଏହା ବିରୁଦ୍ଧରେ ଅଭିମନ୍ୟୁ ସ୍ମୃତି ସଂସଦ ଓ ଭାଷା ଆନ୍ଦୋଳନ ପକ୍ଷରୁ ଲୋୟର ପିଏମଜିଠାରେ ଏକ ଗଣଧାରଣ ହୋଇଥିଲା ଏବଂ ସରକାରଙ୍କୁ ଏ ବିଷୟରେ ସମସ୍ତ ବିବରଣୀ ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ଆଶୁ ସମାଧାନ ହୋଇପାରିଲା ନାହିଁ । ଏହା ହିଁ ହେଉଛି ସରକାରଙ୍କ ପୂଜ୍ୟମାନଙ୍କୁ ସମ୍ମାନ ।

ଆମର ପର୍ଯ୍ୟଟନସ୍ଥଳ, ଜଳ, ନଦୀ, ହ୍ରଦ ଇତ୍ୟାଦିର ସୁପ୍ରଚାର, ସୁବିନିଯୋଗ ଏବଂ ପ୍ରକୃତିର ସଂରକ୍ଷଣ ଏ ପର୍ଯ୍ୟନ୍ତ ଆନ୍ତରିକତାର ସହିତ କରାଗଲା ନାହିଁ। ଏଥିପାଇଁ ଆମ ଶାସନ ବ୍ୟବସ୍ଥା ଓ ରାଜନୈତିକ ବ୍ୟକ୍ତିବିଶେଷ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁପରିମାଣରେ ଦାୟୀ।

ଉତ୍କଳୀୟ ପରମ୍ପରା ନିଦର୍ଶନ ହେଉଛି ଆମର କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ ଓ ପର୍ବପର୍ବାଣୀ ଇତ୍ୟାଦୀ। ଓଡିଶା ପ୍ରାକୃତିକ ସଂପଦରେ ଭରପୁର ଥିଲେ ହେଁ ଏହାର ସୁବିନିଯୋଗ କରାଯାଇ ପାରୁନାହିଁ। ଏଥିପାଇଁ କ'ଣ ରାଜତୈତିକ ବିଦ୍ଧି ବ୍ୟବସ୍ଥା ଦାୟୀ ନୁହେଁକି ? ଦଳମତ ନିର୍ବିଶେଷରେ ସମସ୍ତେ ଯିଏ ଯେଉଁ କ୍ଷେତ୍ରରେ ଥାଆନ୍ତୁ ନା କାହିଁକି, ଓଡ଼ିଆ ଭାଷାର ସୁରକ୍ଷା, ସ୍ୱାଭିମାନ ଯେପରି ଭାବରେ ଅକ୍ଷୂର୍ଣ୍ଣ ରହିପାରିବ ତାହା ଉପରେ ଦୃଷ୍ଟି ନିକ୍ଷେପ କରିବା ନିହାତି ଆବଶ୍ୟକ। ଉତ୍କଳ ଦିବସର ଅନୁଚିନ୍ତା ଏହା ହିଁ ହେବା ଉଚିତ୍।

ପବିତ୍ର ପଣାସଂକ୍ରାନ୍ତି ହନୁମାନ ଜୟନ୍ତୀ ଅବସରରେ ଆସନ୍ତା ୧୪ ତାରିଖରେ ନମାମି ମନ୍ଦାକିନୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟ ଉଦ୍ଦେଶ୍ୟ ହେଇଛି ଉତ୍କଳର ସାମରିକ କ୍ରୀଡ଼ା ପ୍ରଦର୍ଶନ ସହିତ ଯେଉଁ ମହାପୁରୁଷମାନେ ଆତ୍ମବଳିଦାନ ଦେଇ ଦେଶ ମାତୃକାର ରକ୍ଷା କରିଛନ୍ତି ତାଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଯଦି ଆମେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କିଛି ଭଲ କାର୍ଯ୍ୟ କରିପାରିବା ତାହା ହିଁ ହେବ ଉତ୍କଳ ଦିବସର ଅନୁଚିନ୍ତା ଓ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।


+ ସମ୍ପାଦକ, ଉତ୍କଳ ବୁଲେଟିନ୍
ମୋ- ୯୯୩୭୬୮୯୬୮୩,
ଭୁବନେଶ୍ୱର


# ଆରମ୍ଭ ହୋଇଥିବା ସଂଗ୍ରାମ ସଫଳ



### ସୁବ୍ରତ କର

ସତରେ, ଗତକାଲି ସଂଧ୍ୟା ବାଲେଶ୍ୱରବାସୀଙ୍କ ପାଇଁ ଅତି ଖୁସିର ଖବର ଥିଲା । ୨୦୦୫ ମସିହାରେ କିଛି ବାଲେଶ୍ୱର ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରଠାରେ ଏକ ସର୍ବାଧୁନିକ ସରକାରୀ ମେଡିକାଲ କରିବା ପାଇଁ ପ୍ରୟାସ ଜାରି ହୋଇଥିଲା । କେହି କେବେ ହେଲେ ଭାବି ପାରିନଥିଲେ ୨୯ମାର୍ଚ୍ଚରେ (ଗତକାଲି) ୯୮ଜଣ ପିଲା ବାଲେଶ୍ୱର ଫକୀରମୋହନ ସରକାରୀ ମେଡିକାଲରୁ ଡାକ୍ତର ହୋଇ ବାହାରିବେ । ବାଲେଶ୍ୱରର ଷ୍ଟେସନ କ୍ଲବ ଠାରେ ହୋଇଥିବା ଛୋଟିଆ, ଆଡ଼ମ୍ବର ହୀନ କାର୍ଯ୍ୟରେ ବିଭିନ୍ନ ସ୍ଥାନରୁ ଆସିଥିବା ୯୮ଜଣ ଡାକ୍ତରଙ୍କୁ ସମ୍ମାନିତ କରାହୋଇଥିଲା ମେଡିକାଲ କ୍ରିୟାନୁଷ୍ଠାନର ସଭ୍ୟ, ସଭ୍ୟାମାନଙ୍କ ଦ୍ୱାରା । ୯୮ଜଣ ଡାକ୍ତର, ଆମ ରାଜ୍ୟପାଇଁ କମ୍ ଗର୍ବ ଏବଂ ଗୌରବର କଥା ନୁହଁ । ଖାଲି ରାଜ୍ୟ ପାଇଁ କାହିଁକି, ଆମ ଜିଲ୍ଲା ପାଇଁ । ସଂଗ୍ରାମର ସମୟ ସୀମା ମୋଟେ ଛୁଟିଆନ ଥିଲା ବା ସଂଗ୍ରାମ ମଧ୍ୟ କିଛି କମ ନଥିଲା । ଶେଷରେ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟନ ହୋଇ ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା । ସେଦିନ ମଧ୍ୟ ସମସ୍ତ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ସଭ୍ୟାମାନଙ୍କ ପାଇଁ ଅତି ଖୁସିର ଦିନ ଥିଲା । ମୋର ମନେ ଅଛି ୨୦୧୨ ମସହାରେ ଦିଲ୍ଲୀଠାରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱରେ ଥିବା ଜଣେ ଓଡ଼ିଆ ଆଇ.ଏ.ଏସ ଅଫିସର ଆମକୁ କଥା ଦେଇଥିଲେ 'ଆପଣମାନେ ରାଜ୍ୟକୁ ଫେରି ଯାଆନ୍ତୁ, ଆମେ ରାଜ୍ୟକୁ ୬ ଗୋଟି କଲେଜକୁ ବାଣ୍ଟିବା ବେଳେ ବାଲେଶ୍ୱରକୁ ମିଳିବ କି ନାହିଁ ଆମେ କହି ପାରିବୁ ନାହିଁ । ସତରେ ଏହା ପରେ ଅତି ନିବିଡ଼ ଭାବରେ ଆମ୍ଭମାନଙ୍କର ସରକାରଙ୍କ ବିଭିନ୍ନ ସ୍ତରରେ ଥିବା ଅଫିସରଙ୍କ ଛଡ଼ା ରାଜ୍ୟର ଗଭର୍ଣ୍ଣର ଏବଂ ମୁଖ୍ୟମନ୍ତ୍ରୀଙ୍କ ସହିତ ବାଲେଶ୍ୱର ସାକ୍ଷାତ ଆଲୋଚନା ଆରମ୍ଭ ହେଲା । କାରଣ ୩୦ଟା ଜିଲ୍ଲାକୁ ୬ଗୋଟି ମେଡିକାଲ କଲେଜ କାହା ଭାଗରେ ପଡ଼ିବ, କିଛି କହି ହେବ ନାହିଁ । ସେ ସମୟରେ ଜିଲ୍ଲାରେ ଥିବା ରାଜନୈତିକ ନେତାମାନଙ୍କଠାରୁ ମଧ ସେମିତି ଭାବରେ ସାହାଯ୍ୟ ସହଯୋଗ ମିଳୁ ନଥିଲା । ସବୁ କିଛି କ୍ରୀୟାନୁଷ୍ଠାନ କମିଟି ଭୁବନେଶ୍ୱର ପାଇଁ ସିଧାସଳଖ କାମ କରୁଥିଲା । ଏହି କାମକୁ ହାସଲ କରିବା ପାଇଁ ଖୁବ୍ କମରେ ମୁଖ୍ୟମନ୍ତ୍ରୀଙ୍କୁ ୬ଥର ସାକ୍ଷାତ କରିବାକୁ ପଡ଼ିଥିଲା। ବାରମ୍ବାର ଏସେମ୍ବ୍ଲି ଚାଲିଥିବା ସମୟରେ ବାରମ୍ବାରର ଧାରଣା ଦେବାକୁ ପଡ଼ିଛି ଏବଂ ବିଭିନ୍ନ ସରକାରରଙ୍କ ଭଲ କର୍ମକର୍ତ୍ତାଙ୍କୁ ଭେଟି ଆଲୋଚନା ମଧ୍ୟ କରିବାକୁ ପଡ଼ିଥିଲା । ଏମିତି ଥରେ କର୍ମକର୍ତ୍ତାଙ୍କୁ (କ୍ରୀୟାନୁଷ୍ଠାନରେ) ଭୁବନେଶ୍ୱରରୁ ବାଲେଶ୍ୱର ବସ୍‌ରେ ଆସୁଥିବା ବେଳେ ସୋରଠାରେ ଜବରଦସ୍ତ ଦୁର୍ଘଟଣା ଘଟିଥିଲା ଏବଂ ବହୁତ ସଭ୍ୟ ସଭ୍ୟାଙ୍କୁ ଡାକ୍ତରଖାନାକୁ ଯିବାକୁ ପଡ଼ିଥିଲା ଏବଂ ଏପରିକି କଟକ ମେଡିକାଲ କଲେଜକୁ ମଧ ସ୍ଥାନାନ୍ତର କରିବାକୁ ପଡ଼ିଥିଲା । ଜଗନ୍ନାଥ ସାଥ୍ ଦେଇଥିଲେ ଏବଂ ପ୍ରାୟ ସମସ୍ତେ ଏବେ ଭଲ ଅଛନ୍ତି ଏବଂ ଗତକାଲି ଅନୁଷ୍ଠିତ ହୋଇଥିବା ସଭା କାର୍ଯ୍ୟରେ ଯୋଗଦେଇ ୯୮ଜଣ ଡାକ୍ତରଙ୍କୁ ଉତ୍ସାହିତ କରିଥିଲେ ଜୀବନରେ ଭଲ କାମ କରିବା ପାଇଁ । ବାଲେଶ୍ୱର ଏବଂ ବାଲେଶ୍ୱରବାସୀଙ୍କୁ କେବେ ନ ଭୁଲିବା ପାଇଁ । ଏହି କଲେଜ ଏବଂ ଏହି କ୍ରିୟାନୁଷ୍ଠାନ ଏବଂ ଶେଷରେ ଏହି ବାଲେଶ୍ୱରବାସୀଙ୍କ ସାହାଯ୍ୟ ଏବଂ ସହାନୁଭୂତି ଯାହା ଆଜି ଜଣେ ଜଣେ ଡାକ୍ତର ହୋଇପାରିଛନ୍ତି ରୋଗୀ ସେବାପାଇଁ ଏବଂ ଦେଶ ସେବା ପାଇଁ ।




## ଉତ୍କଳ ଦିବସ ପାଳିବା ଆସ
### ନଳିନୀ ଦାଶ

ଆସ ମୋ ଓଡ଼ିଶା ଭାଇଭଉଣୀଏ
ପାଳିବା ଉତ୍କଳ ଦିବସ
ଅତୀତର ସ୍ମୃତି ମନେ ପକାଇବା
ପରାଣେ ଭରିବ ହରଷ ।
ରାଇଜଟି ଆମ ଜନମଭୂଇଁଟି
ସେବାରେ ତାହାର ଲାଗିବା
ମିଳିମିଶି ଆମେ ସବୁରି ହୃଦୟେ
ଭାଷାର ପ୍ରୀତିକୁ ଜାଗିବା ।
ଏକମନ ହୋଇ ବୀର ପୁତ୍ରଗଣ
ଆମରି ରାଇଜେ ଲଢିଲେ
ଓଡ଼ିଆ ଭାଷାକୁ ସମ୍ମାନ ଦେଇଣ
ସୁନାର ଓଡ଼ିଶା ଗଢିଲେ ।
ଭାଷା ଆନ୍ଦୋଳନେ ଲଗାଇଲେ ମନ
ହୋଇଲା ସ୍ୱତନ୍ତ୍ର ପ୍ରଦେଶ
ମଧୁସୁଦନ ଓ କବି ରାଧାନାଥ
ଭାଷାକୁ କରିଲେ ସରସ ।
ଫକୀରମୋହନ କବି ଗଙ୍ଗାଧର
ସାହିତ୍ୟ ଦାନରେ ମହାନ
କୃଷ୍ଣଚନ୍ଦ୍ରଦେବ ଗୌରିଶଙ୍କର
ରଖିଲେ ଉଚ୍ଚରେ ତା ମାନ ।
ଓଡ଼ିଆ ଭାଷାକୁ ସମ୍ମାନ ଦବାଟି
ପ୍ରଗତି ପଥରେ ଚାଲିବା
ଉତ୍କଳଜନନୀ ସ୍ୱାଗତଗୀତିକା
ସଭିଏଁ ଆମେରେ ଗାଇବା ।
ଭାଷା ମଧ୍ୟେ ଶ୍ରେଷ୍ଠ ଓଡ଼ିଆ ଭାଷାଟି
ଉତ୍କଳେ ପାଇଲା ସମ୍ମାନ
ସାହିତ୍ୟକୁ ନେଇ ଆଗେଇବା ବାଣୀ
ଭଣ୍ଡାର କରିବା ପୁରଣ ।
ପ୍ରଥମ ପତ୍ରିକା ଉତ୍କଳ ଦୀପିକା
ରାଇଜେ ପାଇଲା ପ୍ରକାଶ
ଆମର ଓଡ଼ିଆ ବଳିଷ୍ଠ ହୋଇଲେ
ମନରେ ଭରିଲା ସନ୍ତୋଷ ।


+ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ: ୯୨୩୮୯୯୬୬୪୯


## ସବୁଠୁ ସୁନ୍ଦର ଆମ ଏ ଉତ୍କଳ
### ପ୍ରଶାନ୍ତ କୁମାର ଦାଶ

କେଦାର କାନନ ବନ ଉପବନ
ଯା କୋଳେ ପାଆନ୍ତି ଶୋଭା
ଫୁଲ ଫଳ ଜଳ ପବନ ଶୀତଳ
ଚିରକାଳ ମନଲୋଭା ।

ମଥାପିଟେ ସିନ୍ଧୁ ବରଷାର ବିନ୍ଦୁ
ଆକାଶ ଢାଳଇ ହସି
ଜୋଛନା ବିତରେ ପୁନେଇଁ ରାତିରେ
କୋଟିତାରା ମେଳେ ଶଶୀ ।

ସବୁଠୁ ସୁନ୍ଦର ଆମ ଉତ୍କଳର
ସରଳ ତରଳ ଭାଷା
ଶୁଭଇ ମଧୁର ହେବାପାଇଁ ବଡ଼
ମନରେ ସାଇତା ଆଶା ।

ଦେଇଥିଲେ ଶିର ଏ ଜାତିର ବୀର
ମୁକତି ପାଇବା ପାଇଁ
ଅଇରି ହଟାଇ ସ୍ୱାଧୀନ କରିଲେ
ଆମରି ଉତ୍କଳ ଭୂଇଁ ।

ରାଧା ଗଙ୍ଗାଧର ମଧୁ ଭଞ୍ଜବୀର
ଗୋପବନ୍ଧୁ କବି ଏଠି
ଜନମ ଲଭିସେ ଭରିଦେଇଗଲେ
କାବ୍ୟ କବିତାର କୋଠି ।

ଏ ମାଟିରେ ଫଳେ ସୁନାର ଫସଲ
ଖାଇ ବିତିଯାଏ କାଳ
ଠିଆ ମାଟିଦେହେ ଶାଳ ପିଆଶାଳ
ଝାଉଁ ଦେବଦାରୁ ତାଳ ।

ଯେଉଁ ମାଟିକୋଳେ ହେଲେ
ବଢ଼ି ବଡ଼
ତା ମିଠା ଆହାର ଖାଇ
କରିବା ସୁରକ୍ଷା ଢାଳି ଲୁହ ଲହୁ
ତା କୀରତି ଗୀତ ଗାଇ ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ:୯୬୬୮୮୨୨୧୯୦


## ମୋ ଓଡ଼ିଶା
### ଆକୁଳାନନ୍ଦ ପୃଷ୍ଟି

ମାଟି ମାଆ ଆମ ଓଡ଼ିଶା
ବିଦେଶୀଙ୍କ ଠାରୁ ଅଧିକ ଲୁଟିଲେ
ଯାହାକୁ ଆମର ପଡିଶା ।

ଖଣି ପାଣି ଜମି ଜଙ୍ଗଲ ଲୁଟିଲେ
ଆମକୁ ବୋକା ବନାଇ
ଆଜିର ଦିନରେ ଆନ୍ଧ୍ର ସରକାର
କୋଟିଆରେ ପଶି ଭାବନ୍ତି ନେବେ
ଛଡ଼ାଇ ।

ତେଲଗୁ ଡ଼ାଆଣି ଆଖି
ସୀମାନ୍ତ ଅଞ୍ଚଳ ଖଣି ଖାଦାନରେ
କେବେଠୁ ରହିଛି ଲାଖି ।

ବଙ୍ଗାଳୀ କହିଲେ ଓଡ଼ିଆ ଭାଷାକୁ
ଏ ନୁହେଁ ସ୍ୱତନ୍ତ୍ର ଭାଷା
ବଙ୍ଗଳା ଅକ୍ଷର ଲେଖିବେ ପଢ଼ିବେ
କହିବେ ବଙ୍ଗଳା ଭାଷା ।

ଓଡ଼ିଶା ଅଞ୍ଚଳ ମେଦିନପୁର
ଛଡ଼ାଇ ନେଲେ ଆମର
କଳିଙ୍ଗ ସାଗର ନାମ ବଦଳାଇ
କଲେ ବଙ୍ଗୋପସାଗର ।

ରାୟପୁର ଥିଲା ଓଡ଼ିଶା ଅଞ୍ଚଳ
ମଧ୍ୟପ୍ରଦେଶେ ରହିଲା
ଦକ୍ଷିଣରେ କିଛି ଓଡ଼ିଶା ଅଞ୍ଚଳ
ଆନ୍ଧ୍ରରେ ମିଶିଗଲା ।

ସିଂହଭୂମି ଜିଲ୍ଲା ବିହାରେ ମିଶିଲା
ଓଡ଼ିଶା ଅଞ୍ଚଳ ହୋଇ
ସ୍ୱାଧୀନତା ପରେ ଦାବି ଶୁଣାହେବ
ତୁଙ୍ଗ ନେତା ଥିଲେ କହି ।

ସ୍ୱାଧୀନତା ପରେ ଉଚ୍ଚାସନେ ବସି
ଭୁଲିଗଲେ ସବୁ କଥା
ଆଜିଯାଏ ସେଠି ଓଡ଼ିଆ ଭୋଗନ୍ତି
ଅନେକ ଅକୁହା ବ୍ୟଥା ।

ଏବେ ମହାନଦୀ ପାଣି ଶୋଷୁଛନ୍ତି
ନଦୀରେ ପକାଇ ବନ୍ଧ
ଜଳ ଟ୍ରିବୁନାଲ ବିଚାର କରୁଛି
କେବଳ କପଟ ଛନ୍ଦ ।

ବଂଶଧାରା ପୋଲାଭରମ ପ୍ରକଳ୍ପ
ମହେନ୍ଦ୍ର ତନୟା ଜଳ
ସେଥିରେ ବି ଚାଲେ ନାନା
କାରସାଦି
କଷା କଷି ହୁଏ ବଳ ।

ଲୁଟିଲେ ପଠାଣ ମୋଗଲ ଇଂରେଜ
ବର୍ଗୀ ବଇରୀ ହୋଇ
ଏବେ ଆସୁଛନ୍ତି ବିଦେଶୀ କମ୍ପାନୀ
ଓଡ଼ିଶା ଲୁଟିବା ପାଇଁ ।

ଅନେକ ଶିଖୀ ମନାଇ
ଆମରି ଭିତରେ ଘୁରି ବୁଲୁଛନ୍ତି
ଧୋବ ଧାଉଳିଆ ହୋଇ ।


+ମହାଳପଡ଼ା,କଟକ
ମୋ ୯୪୩୭୮୬୪୫୬୨

# ଛାଇ ନିଦ

## ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀ





ଠିକ୍ କହନ୍ତି ସଭିଏଁ ସମୟକୁ ବି ସମୟ ଦରକାର ପଡ଼ିଥାଏ । ସମୟ ବି ସମୟେ ସମୟେ ଢୁଳେଇ ଯାଇ ଆଉଜି ପଡେ ସ୍ୱପ୍ନର ଅସ୍ଥାୟୀ ପାରାପିଟ୍ ଉପରେ । ଇଚ୍ଛାଥାଏ ଘଡ଼ିଏ ଶାନ୍ତିର ନିଶ୍ୱାସ ନେବାକୁ; ଅଥଚ ସେ ଅସ୍ଥାୟୀ ପାରାପିଟ୍ ପ୍ରତାରଣା ଦେଇ ଭୁସ୍‌ଭାସ ହେଇ ଦିନେ ଭୁଷୁଡ଼ି ପଡେ । ଆଉ ରହିଯାଏ ଭୋଗୁଥିବା ଜୀବନର ଅବଶିଷ୍ଟାଂଶ ମାତ୍ର ।

ଆଜି ଦିନ ସାରା ବୋଟ୍‌ରେ ବସି ନଦୀ ଆଉ ଜଙ୍ଗଲ ଭିତରେ କେବଳ କୁମ୍ଭୀର ହିଁ ଦିଶୁଥିଲେ । ନଦୀପଠାର କାଦୁଅ ମାଟି ଉପରକୁ ଉଠି ଆସି ଖରା ପୁଆଉଁ ଥାନ୍ତି ଶାବକ ଓ ବଡବଡ କୁମ୍ଭୀର ସବୁ । ଦିନ ବିତି ଉପହସିତ୍ ଅପରାହ୍ନ ହେଇଗଲାଣି । ଅଥଚ ପାଟି ମେଲେଇ ଆଁ କରି ପଡିଥିବା କୁମ୍ଭୀର ଗୋଟେ ବି ଦିଶିଲା ନାହିଁ । ହଠାତ୍ ନାଉରିଆଟା ପାଟି କରି କହିଲା, 'ହେଇ ... ହେଇ ... ଦେଖ, କେତେ ଲମ୍ବା କୁମ୍ଭୀରଟା !'

ସମସ୍ତେ ସିଆଡେ ଅନେଇଲେ । ଏତେ ବେଳକୁ ଯାଇ ସୌମ୍ୟାର ଇଚ୍ଛାଟା ପୂରଣ ହେଲା । ପାଖାପାଖି କୋଡିଏ ଫୁଟ୍ ଲମ୍ବା ହେବ । କାଦୁଅ ମାଟି ସହ ତା ଶରୀର ରଙ୍ଗ ମିଶି ଯାଉଛି । ପୋଖରୀରେ ଭଉଁରୀ ସୃଷ୍ଟି ହେଲେ ଯେମିତି ଭୟଙ୍କର ଦିଶେ, ଠିକ୍ ସେମିତି ପାଟିକୁ ଆଁ କରି ପାଣି ଆଡେ ହିଁ ମୁହାଁଇ ପଡି ରହିଛି । ପିଲାଦିନେ ପଢିଥିବା ମାଙ୍କଡ କଲିଜା ଓ କୁମ୍ଭୀର କାହାଣୀ ମନେ ପଡିଗଲା । ମନେମନେ ଭାବୁଥିଲା ସୌମ୍ୟା, କଲମମୁନରେ ଏତେ କାଳ୍ପନିକ ରୋମାଞ୍ଚକର କାହାଣୀର ନଭଶ୍ଚୁମ୍ବୀ ପ୍ରାସାଦ ଲେଖି ଦେଉଛି ଅଥଚ ନିଜ ମୃତ୍ୟୁ ପାଇଁ ଗୋଟେ ଅବଶ୍ୟମ୍ଭାବୀ ଅନ୍ତ ଲେଖିପାରୁ ନାହିଁ । କାଶ୍ ଏମିତି ହୁଅନ୍ତା କି, ସେ କୁମ୍ଭୀର ଟା ତା' ପ୍ରେମରେ ପଡି କଲିଜା ଖାଇ ଯାଆନ୍ତା ! ଓଃ କି ଶାନ୍ତି ମିଳନ୍ତା ।

ସୌମ୍ୟାକୁ ଚକିତ କରି ଧୀରା ଜୋରରେ ହଲେଇ ଦେଇ ବଡ଼ ପାଟି କରି କହିଲା, 'ଏ ହେଇ .... ତୋତେ ଏଇ ଜୀବଜନ୍ତୁଙ୍କୁ ନେଇ କପୋଳକଳ୍ପିତ ଚରିତ୍ରମାନଙ୍କୁ ସଜେଇ କାହାଣୀ ଲେଖିଲେ ଶାନ୍ତି ମିଳୁଛି ବୋଧେ । ସେ କୁମ୍ଭୀରକୁ କ'ଣ ଖାଇଗଲା ଭଳିଆ ଚାହିଁ ରହିଛୁ ? ତୋ ପ୍ରେମର ଯଦି ପଡିଗଲା, କଥା ସରିଲା !'

ତା କଥାରେ ସବୁ ହୋ ହୋ ହେଇ ହସୁଥିଲେ । ସୌମ୍ୟା କିନ୍ତୁ ଆଖିରେ ଅଦ୍ଭୁତ ଚମକ ନେଇ କ୍ଷଣିକ ପାଇଁ ଧୀରାକୁ ଚାହିଁଲା । ମନ କଥା କହି ଦେଇଥିଲା ଧୀରା । ମନେମନେ ଭାବୁଥିଲା ସୌମ୍ୟା, ବିନା ଅନୁଭବରେ ଲେଖିଥିବା କାହାଣୀଟି ଯଦି ପାଠକ ମନକୁ ଛୁଇଁ ପାରିଲା ତେବେ ସେଦିନ ଛାଇ ନିଦରେ ନୁହଁ ସୁଖ ନିଦ୍ରାରେ ଶୋଇବ । ପୁଣି ଥରେ କୁମ୍ଭୀର ପାଖକୁ ଆଖି ଫେରେଇ ଚାହିଁଲା ।

ଶୀତକାଳୀନ ଅସ୍ତରାଗ ଫେରିଯାଉ ଥାଏ । ଆକାଶ ଅନ୍ଧକାରକୁ ଆଲିଙ୍ଗନ କରିବାରେ ବ୍ୟଗ୍ର । ସେତିକିବେଳେ ଗ୍ରୁପ୍‌ର ବିଦାୟବେଳର ମୁହୂର୍ତ୍ତକୁ କ୍ୟାମେରାରେ ବାନ୍ଧିବା ପାଇଁ ନାଉରିଆକୁ କହି ମୋବାଇଲ୍‌ଟା ବଢେଇ ଦେଲା ସୌମ୍ୟା । ଗାଇଡ୍ କହିଲା ଗୋଟେ ସୁନ୍ଦର କପୁଲ୍ ଗ୍ରୁପ୍ ଫୋଟୋ ନେବା । ଫୋଟୋ ଟା କେମିତି ଆସିଛି ବୋଲି ସବୁ ଝୁକି ପଡିଲେ ମୋବାଇଲ୍ ସ୍କ୍ରିନ୍ ଉପରେ । ପ୍ରାୟ ସମସ୍ତଙ୍କ ହସ ହସ ମୁହଁ ଥିଲାବେଳେ ବିରକ୍ତି ଭାବ ଧୀରା ମୁହଁରେ ଝଲସି ଉଠୁଥିଲା । ସୌମ୍ୟା ଆଖିରେ ପ୍ରଶ୍ନ ନେଇ ଧୀରାକୁ ଚାହିଁଲା । ଧୀରା ଚିଡିଯାଇ କହିଲା, 'ଯେତେବେଳେ ଜୀବନଟା ପ୍ରତୀତ ହୁଏ ଛାଇ ନିଦ ପରି ସେତେବେଳେ ଏଇ ସୋସିଆଲ ମିଡ଼ିଆର ମିଛ ସୁଖ ସ୍ୱପ୍ନରୁ କ'ଣ ମିଳିବ ଯେ ?'

ଧୀରା ଘଡ଼ିଏ ରହି ଦୀର୍ଘ ନିଶ୍ୱାସ ନେଲା । 'ପ୍ରାୟ ସବୁଦିନ ରାତି ଅଧରେ ମୋ ସ୍ୱପ୍ନର ଛାଇ ନିଶାରେ ଟଳମଳ ଆଉ ବେହୋସ୍ ହେଇ ଅଦୃଶ୍ୟ ହେଇଯାଏ । ଆଉ ଉଦୟରାଗ ବେଳକୁ ଛାଇ ନିଦ ମୋତେ ଆଉଜି ପଡେ । ପ୍ରେମିକା ହେବା ସହଜଲୋ... କିନ୍ତୁ ସ୍ତ୍ରୀ ... ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ! ଚାଲୁ ସଂସ୍ଥା ଚାଲୁଥାଉ ।' କହି ଚିତ୍ରଲେଖା ବୋଟ୍‌ରୁ ଓହ୍ଲେଇ ପଡିଲା ।

ସୌମ୍ୟା ଅନେଇ ରହିଥିଲା ପଛରେ ରହିଯାଇଥିବା ହେନ୍ତାଳ ବଣକୁ । ଏଇ ହେନ୍ତାଳ ବଣ କୁଆଡେ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀର ତ୍ରିକୋଣ ଭୂମିର ସଂଗମସ୍ଥଳ । ଯେତେ ଭିତରକୁ ଯିବ ସେତେ ଗହନ ସେତେ ରହସ୍ୟମୟ । ଏଇ ଗହନ ଅନ୍ଧକାରରେ ବି ସବୁ ଜୀବଜନ୍ତୁ, କୀଟ, ପକ୍ଷୀ ନିଜ ଅସ୍ତିତ୍ୱ ପଛରେ ଧାବମାନ । ଅସ୍ତିତ୍ୱ ! ଏକ ତିନୋଟି ଅକ୍ଷରକୁ ନେଇ କେବଳ ଏକ ଶବ୍ଦ ନୁହଁ; ବରଂ ମଣିଷ ପ୍ରତିଛାୟାର ଜୀବନ ବର୍ଣ୍ଣବୋଧ ଲେଖା ଯାଇପାରେ । ସମସ୍ତେ ଖୋଜନ୍ତି ଅସ୍ତିତ୍ୱ । ସେ ବି ଖୋଜୁଛି ଅସ୍ତିତ୍ୱ; ଝିଅ...ପ୍ରେମିକା... ସ୍ତ୍ରୀ ... ବୋହୂ... ନା ଲେଖିକା ! କ'ଣ ତା'ର ପ୍ରକୃତ ପରିଚୟ ? ସୌମ୍ୟାକୁ ଅନୁଭବ ହେଉଥିଲା ସ୍ୱପ୍ନର ଛାଇ ଅଦୃଶ୍ୟ ହେଇ କେବେ ଠାରୁ ଅପସରି ଯାଇଛି ।

ବଣ ଭିତରୁ ବାହାରି ରିସୋର୍ଟ ଫେରିଲେ ସମସ୍ତେ । ରିସୋର୍ଟରେ ବସି ଚାହା ପିଇବା ବେଳେ ଟିଭିରେ ଦେଉଥିଲା ବ୍ରେକିଂ ନିୟୁଜ୍ 'ସେସନ୍ କୋର୍ଟ ଜଜ୍ ରାୟ ଦେଇଛନ୍ତି ଗୃହିଣୀଙ୍କ ସମ୍ମାନ ପାଇଁ ସ୍ୱାମୀ ମାସିକ ଭତ୍ତା ଦେବେ ପଚିଶ ହଜାର ଟଙ୍କା ।' ଆଉ ଟିକେ ପୂର୍ବରୁ ପ୍ରେମକୁ ଗାଳି ଦେଉଥିବା ଧୀରା ଆଉ ଚିତ୍ରଲେଖା ଉଭୟ ବଖାଣି ଚାଲିଥାନ୍ତି ନାରୀ ଅଧିକାର ଓ କର୍ତ୍ତବ୍ୟର ଗାଥା । ସେପଟେ ସ୍ୱାମୀମାନେ ନିଜ ଭିତରେ କଥା ହେଉଥାନ୍ତି, 'ସପିଙ୍ଗ, କିଟି ପାର୍ଟି, ସୁନା କିଣା ଓ ଭ୍ରମଣ ଖର୍ଚ୍ଚ ପରେ ବି ଆହୁରି ଏମାନଙ୍କୁ କେତେ କ'ଣ ଯୋଗାଇବ ସ୍ୱାମୀ ନାମକ ନିରୀହ ପ୍ରାଣୀଟି ?'

ଚିକମିକ୍ ରଙ୍ଗୀନ ଆଲୁଅରେ ଝଲସି ଉଠୁଥିବା ଗାର୍ଡେନ ରିସୋର୍ଟ ବି ଆଉ ସୁନ୍ଦର ଦିଶୁ ନଥିଲା । ମୋତେ ସନ୍ଧ୍ୟା ଚାହାଟା ପାଣିଚିଆ ଲାଗୁଥିଲା । ଟିକେ ଆଗରୁ ମୁଗ୍ଧ କରୁଥିବା ଜହ୍ନ ର ସ୍ନିଗ୍ଧ କାନ୍ତ ଶୀତଳତା ବର୍ତ୍ତମାନ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ ପରି ଅନୁଭବ ହେଉଥିଲା । ବାସ୍ ମନକୁ ବୁଝେଇବା ପାଇଁ ବାହାନା କରିବା କଥା ଛାଇ ନିଦ ର !

+ ପୁନେ, ମହାରାଷ୍ଟ୍ର
(ମୋ) ୯୧୬୮୦୫୩୮୬୮

# ନିରୁଦ୍ଦିଷ୍ଟ

## ଘନଶ୍ୟାମ ପଲେଇ





ଛୋଟ ଷ୍ଟେସନଟାଏ । କାଁ ଭାଁ ଚାଲେ ଟ୍ରେନ । ଲୁହା ପଥର ବୋଝେଇ ଟ୍ରେନକୁ ଛାଡିଦେଲେ ଦିନକୁ ଗୋଟାଏ ଚାଲେ ପାଞ୍ଚ-ଛଅଟି ବଗି ବାଲା ସ୍ପେସାଲ ପାସେଞ୍ଜରମେମୁ ଟ୍ରେନ । ମେମୁଟ୍ରେନଟି ଦିନ ସାଢେ ଦଶକୁ ଲାଗେ ଆଉ ଦିନ ଦୁଇଟାକୁ ଛାଡେ । ଆଜି ବି ଟ୍ରେନ ଆସି ଗଲାଣି କେତେବେଳୁଁ ।

ଟ୍ରେନ ଗଲାପରେ ଛୋଟ ଷ୍ଟେସନଟି ପାଲଟି ଯାଏ ଶୂନଶାନ । ଦିନ ଦୁଇଟାରୁ ସଂନ୍ଧ୍ୟା ପାଞ୍ଚଟା ଯାକେ ଗୋଟାଏ ଲୋକ ବି ଦିଶିବେନି ଖରା ଦିନଟାରେ । କାଁ ଭାଁ କେତେବେଳେ ଜଣେ ଅଧେ ରେଲୱେ କର୍ମଚାରୀ କରନ୍ତି ଚଳପ୍ରଚଳ ।

ଖରାଦିନର ଏଇ ମୂହର୍ତ୍ତକୁ ମୁଁ କରିଥାଏଅପେକ୍ଷା । କିଛି ବର୍ଷ ହେଲା ପାଖରେ ସେଲୁନ ଦୋକାନଟାଏ କରିଛି ପେଟପାଟଣା ପାଇଁ ।ଧୁ ଧୁ ଖରା ବେଳଟାରେ ଯାଇ ଟିକିଏ ବସେ ରେଲୱେଷ୍ଟେସନରେ ପଡିଥିବା ସେମେଣ୍ଟ ବେଞ୍ଚରେ । ଦିନରେ ନିଦ ହୁଏ ନି ମୋର । ସେଇଠି ବସି ଫ୍ରି ୱାଇଫାଇରେ ଦେଖେ ମୋବାଇଲ । ସବୁଦିନ ପରି ଆଜି ବି ଦୋକାନ ବନ୍ଦ କରି ବାହାରିଲି ଷ୍ଟେସନ ଭିତରକୁ ।

ହେଲେ ଏ କ'ଣ ! ଆଜି ନିର୍ଜନତା ବଦଳରେ ହୋ ହାଲା ପାଟିତୁଣ୍ଡ । ଉତ୍ସୁକତା ବଢିଲା ପାଖକୁ ଯାଇ ଦେଖିଲି । ପିଲାଟିଏ ବସିଛି ମଝିରେ । ପନ୍ଦର ଷୋହଳ ବର୍ଷର ହେବ । ଛେଳି ଦାଢି ଭଳି କେରେ ପାଉଁସିଆ ପିଉଳ ରଙ୍ଗର ଧାଡି ଓଠ ତଳକୁ ଲମ୍ବିଛି । ତା'କୁ ମନ ଇଚ୍ଛା ଗାଳିଗୁଲଜ କରୁଛନ୍ତି ଲୋକେ ।

କିଏ ଜଣେ କହୁଥାଏ --- ଏଇଟା ନିଶ୍ଚୟ ଛୁଆ ଚୋରଟାଏ । ନ ହଲେଆସିଛି କିଛି ଆତଙ୍କି କାର୍ଯ୍ୟକଳାପ ଘଟାଇବାକୁ ।

ଜଣେ ପଚାରିଲା --- ତୋ ନାଁ କ'ଣ ? ଘର କୋଉଠି ? କେଉଁ ଜିଲ୍ଲାରେ ?

ଲୋକଙ୍କ ପ୍ରଶ୍ନ ବାଣରେ ପୋତି ହେଇଯାଉଥାଏ ପିଲାଟି । ହେଲେ କିଛି ନ କହି ଦେଉଥିଲା ହସି ।

ଥିଲା ଥିଲା ଜଣେ କହିଲା --- ଏଇଟା ଶଃ --- ଗାଲୁଆଟା । ଇମିତିରେ ସିଏ କିଛି କହିବ ନି --- କହି ଚଟକିନା ବସେଇ ଦେଲା ଚାପୁଡାଟାଏ ଗାଲରେ ।

ପିଲାଟି ଗାଲ ଆଉଁସୁ ଆଉଁସୁ ପୁଣି ଦେଲା ହସି ।

ତାକୁ ବୋଧେ ଓଡିଆ ଆସେନି, ରୁହ ମୁଁ ହେଉଛି କଥା କହି ହିନ୍ଦିରେ ପଚାରିଲି--- ଘର କାହାଁ ପେ ହେ ? ପତ୍ତା ବତାଓ ହମ ଲୋଗ ପହୁଞ୍ଚା ଦେଙ୍ଗେ ।

ତା'ର ପଢୁ ନଥାଏ କିଛି ଫରକ । ଖାଲି ମଝିରେ ମଝିରେ ଦେଉଥାଏ ହସି ।

ଭିଡ ଭିତରେ ଜଣେ ଗୁଟଖା ଜରିଟାଏ ଚିରୁଥିବାର ଲକ୍ଷ୍ୟ କରୁଥିଲା ପିଲାଟି । ହାତ ବଢେଇଲା । ମୋତେ ଲାଗିଲା ପିଲାଟି ଖାଇବାକୁ ମାଗୁଛି । ଲୋକଟି ବି ଥିଲା ଦୟାବାନ କି କ'ଣ ? ଗୁଟଖା ପ୍ୟାକଟଟିଏ ଦେଲା ବଢେଇ । ପିଲାଟି ଖାଇଲାନି, ତଳେ ଦେଲା ରଖି । ପେଟ ବାଡେଇଲା । ମୁଁ ବୁଝିଗଲି ଭୋକ ପାଇଁ ଖାଇବା ମାଗୁଛି । ହେଲେ ପାଖରେ କିଛି ମିଳେନି ଖାଇବାକୁ । ତା'ସେଲୁନ ପାଖକୁ ଗଲେ ଯାଇ ଯାହା କିଛି ମିଳିବ ବିସ୍କୁଟ ଫିସ୍କୁଟ ।

ଭିଡ ଭିତରେ କିଏ କହି ଉଠିଲା --- ଏଇଟା ତାମିଲ କି ଆନ୍ଧ୍ରା ସାଇଡ୍‌ର ହେଇଥିବ । ତ ଆଉ କିଏ କହୁଥାଏ ଏଇଟା କରୁଛି ସୁଦ ନାଟକ । ଜାଣି ସିଆଣାଟା । ପ୍ରବଳ ମାଡ ଦରକାର ଇଆକୁ । ଆଖ ପାଖରେ କିଛି ଅଘଟଣ ଘଟାଇବା ଆଗରୁ ପୁଲିସକୁ ଜିମା ଦେଇ ଦେବା ଭଲ କହି ଫୋନ ଲଗାଇଲେ ।

ହଠାତ ଟ୍ରେନ ଶବ୍ଦ ଶୁଣି ଦଉଡିଲା ସେଇପଟକୁ ଜାକିଜୁକି ଧରିଥିବା ବେଗ ଦୁଇଟାକୁ ଛାଡି । କିଛି ଲୋକ ତା'ପଛରେ ଦୌଡିଲେ ତା'କୁ ଧରିବାକୁ । ବ୍ୟାଗରେ କ'ଣ ଅଛି ଜାଣିବାକୁ ଉପସ୍ଥିତ କିଛି ଲୋକ କାଳ ବିଳମ୍ବ ନ କରି ଢାଳି ଦେଲେ ତା'ବ୍ୟାଗକୁ ତଳଟାରେ । ଅନାବନା ଜିନିଷ ସହ ଦିଶିଲା ପୋଷ୍ଟ କାର୍ଡ ସାଇଜର ଫୋଟଟେ । ଫୋଟଟି ଥିଲା ଜଣେ ମଧ୍ୟବୟସ୍କ ଭଦ୍ରଲୋକ ଓ ଭଦ୍ରମହିଳାଙ୍କ । ହେଇ ଥାଇ ପରେ ଇଆରି ସମ୍ପର୍କୀୟା । ଅନ୍ୟ ବ୍ୟାଗରେ ଥିଲା ଆଉ କିଛି ରକ୍ତ ଛିଟା ପଡି ଶୁଖି ଯାଇଥିବା ଲୁଚାକୋଚା ମଇଳା ପେଣ୍ଟସାର୍ଟ ।

ଟ୍ରେନ ଗଲା ପରେ ଦଉଡି ଆସିଲା ତା'ବ୍ୟାଗ ପାଖକୁ । ଦେଖିଲା ଛିନ୍ନ ଭିନ୍ନ ହେଇ ପଡିଛି ତା'ବ୍ୟାଗର ଅସଜଡା ସମ୍ପତ୍ତି । ସେ ଅଣ୍ଡାଳି ଗୁଟାଇବାକୁ ଲାଗିଲା ତା'ଜିନିଷ ପତ୍ର । ଜଣଙ୍କ ହାତରେ ଫୋଟଟି ଦେଖି ଟିକିଏ ସମୟ ଛିଡା ହେଲା, ଅନେଇଲା ନିରିଖେଇ । ଆଖି ପିଛୁଳାକେ ଫୋଟଟି ଛଡେଇ ଆଣି ମା'ବାପା --- କହି କୋହ ଉଠେଇ କାନ୍ଦିଲା କଇଁ କଇଁ ।

କାନ୍ଦି କାନ୍ଦି କହିଲା --- ମୋ ବାପା ମାଆ ତନ ଥିଲେ ବାହାନଗା ସ୍କୁଲରେ । ସିଏ ନିଜେ ଦେଖିଚି । ଖୋଜିଚି ଢେର । ସ୍କୁଲର ପଡିଥିବା ଶବ ସବୁକୁ ଭଲ କି ରକ୍ତ ଜୁଡୁବୁଡୁ ହେଇ ଖୋଜିଚି । କାଇଁ ମିଳିଲାନି ତ ? ମେଡିକାଲ ଯାଇ ବି ଖୋଜିଛି ପାଗଳ ଭଳି । ମିଳିନି ବାପା ମା'ର ଶବ । ତା'ମାନେ ସେମାନେ ଜୀବିତ । ବଞ୍ଚିଛନ୍ତି ଏବେ ବି । ହସିଉଠିଲା ଜୋରରେ ।

ପୁଣି କହିଲା ---ଭୂଲ ଟ୍ରେନରେ ପଳେଇଛନ୍ତି ସେମାନେ । ଫେରିବେ । ଫେରିବେ ନିଶ୍ଚୟ । ମୋତେ ଖୋଜିବାକୁ ହେବ ଷ୍ଟେସନ ଷ୍ଟେସନ ବୁଲି । ମିଳିଯିବେ । ନିଶ୍ଚୟ ମିଳିଯିବେ । ତାଙ୍କର ଏକୋଇର ବାଳାକୁ ସେମାନେ ବି ଖୋଜୁଥିବେ ନିଶ୍ଚୟ । ହଁ ହଁ ମିଳିଯିବେ । ନିଶ୍ଚୟ ମିଳିବେ । ଆହୁରି ଜୋରରେ କାନ୍ଦି ଉଠିଲା ସିଏ ।

ସେତେବେଳକୁ ପୋଲିସ ଭ୍ୟାନ ଆସି ସାରିଥିଲା । ତା'କୁ କାବୁ କରି ପୋଲିସ ଭ୍ୟାନରେ ବସେଇଲା ବେଳେ ପୁଣିଥରେ ଅନେଇଲା ଲୋକଙ୍କୁ ବିକଳ ଚାହାଁଣିରେ ।

ଲୋକମାନଙ୍କୁ ବି ଆଉ ବୁଝିବାକୁ ବାକି ନଥିଲା । ତା'ହେଲେ ପିଲାଟି ବାହାନଗା ଟ୍ରେନ ଦୁର୍ଘଟଣା ପରଠୁଁ ହରାଇ ବସିଛି ମାନସିକ ସନ୍ତୁଳନ । ସେବେଠୁଁ ଆଜି ଯାଏଁ ଖୋଜୁଛି ତା' ନିରୁଦ୍ଦିଷ୍ଟ ବାପାମା'ଙ୍କୁ ।

ଅଜାଣତରେ ମୋ ଆଖିରୁ ବି ବୋହି ଗଲା ଦି'ଟୋପା ଲୁହ । ଆଜି ଆଉ ଭଲ ଲାଗିଲାନି ବସିବାକୁ ଷ୍ଟେସନରେ । ସିଧା ସିଧା ଫେରି ଆସିଲି ସେଠାରୁ ।

+ ଟେନସା, ସୁନ୍ଦରଗଡ-୭୭୦୦୪୨, ମୋ-୯୪୩୭୭୧୮୫୦୦

# ଛତା



## ସୁନନ୍ଦା ମହାନ୍ତି

ଖରାଦିନ ଆସୁଛି କଣ ଆସିଗଲାଣି ଜାଣ ଏଇ ଫେବୃଆରିରୁ । ଏ ବର୍ଷ ଖରା ଛୁଟି ପୂର୍ବରୁ ପିଲାଙ୍କୁ ସତର୍କ କରି ଛତା, ପାଣି, ଜୋତା ସହ ପାଖରେ ଗ୍ଲୁକୋଜ ରଖିବାକୁ ପ୍ରାର୍ଥନା କ୍ଲାସରେ ସବୁ ପିଲାଙ୍କୁ ପରାମର୍ଶ ଦେଇ ନୋଟିସଟିଏ ମଧ୍ୟ ବୁଲାଇ ଦେଲେ କ୍ଲାସରୁ କ୍ଲାସକୁ ବଡ଼ ଗୁରୁମା । ଶନିବାର ଆଜି । ସକାଳୁଆ ସ୍କୁଲ । ସେଥିରେ ଆସନ୍ତା କାଲି ରବିବାର ଦିନ ସାହିତ୍ୟ ଆସରକୁ ଯିବାର ଅଛ । କାହା କଥା ରଖିବେ କାହା କଥା ଭାଙ୍ଗିବେ ବୁଝିପାରୁନଥିଲେ । ନିଜ ସ୍ଥାନୀୟ ଅଞ୍ଚଳରେ ବନ୍ଦନା ସାହିତ୍ୟ ଆସର ଅଛି । ଭୁବନେଶ୍ୱରରେ ପ୍ରାୟେ ଚାରୋଟି ଜାଗାରେ ଅଛି । ପୁଣି ପୁରୀରୁ ନିମନ୍ତ୍ରଣ ଅଛି. ସ୍ୱାମୀଙ୍କୁ ଅନୁରୋଧ କରିବାକୁ ପଡିଲାନାହିଁ କି ଖୁସାମତ କରିବାକୁ ପଡିଲା ନାହିଁ କାରଣ ରବିବାର ସେ ଫ୍ରି ଅଛନ୍ତି । ସାଥ ଦେବେ କହିଛନ୍ତି । ନହେଲେ ଏକୁଟିଆ ଫେରିବା ବହୁ ମୁସ୍କିଲ । ନିଜେ କିନ୍ତୁ କୁଆଡେ ଯିବେ ସ୍ଥିର କରିପାରୁନଥିଲେ କାନ୍ତା । ସ୍ୱାମୀ ସୁକାନ୍ତ କହିଲେ ତୁମେ ଯୁଆଡେ କହିବ ମୁଁ ସିଆଡେ ଯାଇପାରିବି ଯେହେତୁ ଆଜି ରବିବାର । କାନ୍ତା ଜାଣନ୍ତି ସ୍ୱାମୀ ସୁକାନ୍ତଙ୍କୁ କଞ୍ଜୁସ ବା କାମ୍ପି ବା ଲୋଭୀ ବୋଲି କହିଲେ ସେ ଖୁବ ବିରକ୍ତ ହେବେ । ସେମିତି କେତେ କେତେ ଦୃଷ୍ଟାନ୍ତ ଦେଇ ଦେଇ ଗାଡିଟିଏ ନିଜର ନାହିଁ ଏଯାଏଁ ତ କହିବେ ଗାଡି ଦରକାର ବେଳେ ଭଡା କରିଯିବା କିଣିବା କଣ ଦରକାର ?ଆଉ ଯେବେ ଗାଡି ବୁକ କର ଯିବା କହିବେ କାନ୍ତା ସ୍ୱାମୀ କହିବେ ପିଲାମାନେ ସମସ୍ତେ ଥିଲେ ସିନା ଗାଡି ଭଡା ଦରକାର ନଚେତ କଣ ଦରକାର ? ଆମେ ତ ଦୁଇଜଣ, ବସରେ ଚାଲିଯିବା । ଖୁବ ବିରକ୍ତ ଲାଗେ କିନ୍ତୁ ନାଚାର କାନ୍ତା.ସ୍ୱାମୀ କହିବେ ଗାଡିଟେ କିଣି କାହିଁ ଖତ ଖୁଆଇବ ? ପୁଣି କେବେ କହିବେ ଡ୍ରାଇଭର ଚାଲ କିଏ ବୁଝିବ ? ପୁଣି କେବେ କହିବେ ପଇସା କଣ ଗଧ କମାଉଛି ନା କଣ ? ପୁଣି କେବେ ଯୁକ୍ତି ବାଢୁଥିବେ ବସରେ ଯିବା ଆସିବାର ଉପାଦେୟତା କିନ୍ତୁ ବୁଝିବେନି ଖରାଦିନ ଆସୁଛି କଣ ଆସିଗଲାଣି । ବସରେ ଯିବା କେତେ ଯେ କଷ୍ଟ ।

ଶେଷକୁ କାନ୍ତା ଠିକ କଲେ ପୁରୀ ହିଁ ଯିବେ । ସଂସ୍କୃତି ଭବନରେ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପୁରୀ, ଓଡିଶା, ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ କବିତା ପାଠକୁ ଯାଇ ଦେଖିଲେ ବିଷୟ ଥିଲା ଶ୍ରୀ ଜଗନ୍ନାଥ ଚେତନା ଓ ସୂର୍ଯ୍ୟ ଉପାସନା ଉପରେ ଅତିଥିମାନେ ଭାଷଣ ରଖୁଥିଲେ. ବସରେ ଯିବା ନଯିବା ଯୁକ୍ତି ତର୍କ ଭିତରେ ଆଧାତ୍ମିକ କବିତା କିଛି ଲେଖି ସାଙ୍ଗରେ ନେଇ ପାରିନଥିଲେ କାନ୍ତା କିନ୍ତୁ ପାଖରେ କବିତାଟିଏ ପଡିଥାଏ । ଯାହାର ଶୀର୍ଷକ କବି । ଦେଖାଯାଉ ଭାବି ଶୁଣୁଥିଲେ ଜଣଙ୍କ ପରେ ଜଣଙ୍କର ଆଧାତ୍ମିକ ସୂତ୍ର ସନ୍ନିହିତ ଭାଷଣ. ଚମତ୍କାର କଥାବସ୍ତୁ ଆଧାରିତ ସେସବୁ ଜଗନ୍ନାଥଙ୍କ ନିତି କାନ୍ତି ତାଙ୍କର ଆକୃତି, ଆଦୃତି, ଭକ୍ତ ପରିପନ୍ଥୀ ବିଷୟ ଭିତରେ ବୁଡ଼ିଯାଉ ଯାଉ କିଏ କହୁଥିଲେ ଜଗନ୍ନାଥ ତତ୍ତ୍ୱ ବଖାଣିବା ଧୃଷ୍ଟତା ମାତ୍ର ତ କିଏ କହୁଥିଲେ ଜଗନ୍ନାଥଙ୍କର ଗୋଟେ ଆଖିରେ ଚନ୍ଦ୍ର ତ ଗୋଟେ ଆଖିରେ ସୂର୍ଯ୍ୟ ରହିଛନ୍ତି. ମନ୍ଦିରରେ ଆଗ ସୂର୍ଯ୍ୟଙ୍କୁ ପୂଜା କରିବା ପରେ ଯାଇ ଜଗନ୍ନାଥଙ୍କ ଗାମୁଛା ବଦଳା କଥା ତା ପରେ ଦାନ୍ତଘସା କଥା ବଡ଼ ମନମୁଗ୍ଧକର ଲାଗୁଥିଲା ଶୁଣିବାକୁ ସତ ହେଲେ କାନ୍ତା ଭାବୁଥିଲେ ବିସ୍ମୟ ଠାକୁର ଜଗନ୍ନାଥଙ୍କ କଥା ଲେଖିବାକୁ ଯାଇ ସେ ଏଇ ଅଳ୍ପ ଦିନ ପୂର୍ବରୁ ତାଙ୍କର ଗୋଟିଏ ପ୍ରବନ୍ଧରେ ସୂର୍ଯ୍ୟଙ୍କୁ ଏକ ତାରା ରୂପେ ବର୍ଣ୍ଣନା କରିଛନ୍ତି. ବିଜ୍ଞାନ ଭିତ୍ତିକ ତଥ୍ୟ ଅନୁସାରେ ସୂର୍ଯ୍ୟ ଯେତେ ଦୂରରେ ଥିଲେ ମଧ୍ୟ, ସେ ସକଳ ଶକ୍ତିର ଆଧାର ହୋଇଥିଲେ ମଧ୍ୟ ତାଙ୍କ ପରି ଅନେକ ତାରା ଅନନ୍ତ କୋଟି ଦୂରରେ ରହି ଅନେକ ବ୍ରହ୍ମାଣ୍ଡ ବା ଗ୍ୟାଲେକ୍ସି ରୂପେ ଆକାଶରେ ମେଘଖଣ୍ଡ ରୂପେ ଅଛନ୍ତି ଲେଖି ସୂର୍ଯ୍ୟଙ୍କୁ ଅବମାନନା କରିନାହାଁନ୍ତି ତ ? ନିଶ୍ଚୟ ଘରକୁ ଗଲେ ଲେଖାଟିକୁ ଅଳ୍ପ ସଂଶୋଧନ କରିନେବେ ଭାବୁ ଭାବୁ କାନ୍ତାଙ୍କୁ ଷ୍ଟେଜ ଉପରକୁ ଡକାଯାଇ କିଛି କହିବାକୁ କୁହାଗଲା । କାନ୍ତାଙ୍କ ପୂର୍ବରୁ ଅଭିବକ୍ତାମାନେ ଜଗନ୍ନାଥଙ୍କ ମହିମା ସହ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ଖୁବ ନମନୀୟ କମନୀୟ କରି ତାଙ୍କ ଗୁଣସୂତ୍ର ବଖାଣିସାରିଛନ୍ତି. ଠିକ କାନ୍ତାଙ୍କ ପୂର୍ବବର୍ତ୍ତୀ ମ୍ୟାଡାମ ମଧ୍ୟ କହୁଥିଲେ ସବୁତ ସରିଗଲାଣି ଅବଢ଼ା, ବେସର, ମହୁର, ଡାଲି, ଖଟା ଓ କ୍ଷୀରା ଭଗବାନ ଜଗନ୍ନାଥଙ୍କ ଉପରେ ମୁଁ କେବଳ ବାକି ଥିବା ପାଣି ଟୋପେ ଉପରେ କିଛି କହିବି କହି ସେ ତାଙ୍କ ବକ୍ତବ୍ୟ ରଖିଥିଲେ ତ କାନ୍ତା ଆରମ୍ଭ କଲେ ମ୍ୟାଡାମଙ୍କ ଭଳି ଜଗନ୍ନାଥ ଓ ସୂର୍ଯ୍ୟ ପରସ୍ପର ପରସ୍ପରର ପରିପୂରକ ଥିଲା ବେଳେ ତାଙ୍କ ମହିମା ସବୁକୁ ଅତିଥି ସାହିତ୍ୟିକ ମାନେ କହିସାରିଲେଣି କିନ୍ତୁ ମୁଁ କେବଳ ଟିକେ ଲୁଣ ଲଗେଇବି ସେହି ଅଭିଭାଷଣ ଅବଢ଼ା ପତ୍ରରେ କହି କାନ୍ତା କହିବାକୁ ଲାଗିଲେ. ସକାଳ ଆରମ୍ଭ ହୁଏ ସୂର୍ଯ୍ୟଙ୍କ ଆଗମନରୁ. ସ୍ୱଚ୍ଛ ଅସ୍ୱଚ୍ଛ, ପରିଷ୍କାର ଅପରିଷ୍କାର ବା କୌଣସି ଭେଦ ଭାବ ନରଖି ସୂର୍ଯ୍ୟ ପଡନ୍ତି ରଶ୍ମି ହୋଇ ସଭିଙ୍କ ଉପରେ ବିନା ସର୍ତ୍ତ ଓ ସ୍ୱାର୍ଥରେ । ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି ସୂର୍ଯ୍ୟ ରଶ୍ମି ସେବନ ଦ୍ୱାରା ମଣିଷ ଦୀର୍ଘାୟୁ ହୁଏ । ଆଉ ବାକି ରହିଲା ଜଗନ୍ନାଥଙ୍କ କଥା, ସେ ସୃଷ୍ଟିକର୍ତ୍ତା । ସୃଷ୍ଟି କଲାବେଳେ ସକଳ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ କରି ମଣିଷକୁ ଗଢିଲେ ଶକ୍ତି, ସାମର୍ଥ୍ୟ, ବଳ, ବୁଦ୍ଧି, ଜ୍ଞାନ, ସୌନ୍ଦର୍ଯ୍ୟ ଦେଇ ତଥା କଥା କହିବାର ଶକ୍ତି ବା ଭାଷା ପ୍ରୟୋଗ କରି ମନ ଓ ହୃଦୟର କଥା ପରିପ୍ରକାଶ କରିବାର କ୍ଷମତା ଦେଲା ପରେ ମଧ୍ୟ ହାତରେ ଧରି ରଖିଲେ ପୁଲି. ସେ ପୁଲିଟି ହେଲା ଯିଏ ମାନବିକତା ଓ ମଣିଷପଣିଆ ଦ୍ୱାହିରେ ଜଗନ୍ନାଥଙ୍କ ଚେତନା ଓ ଚୈତନ୍ୟ ବୁଝିପାରି ସୂର୍ଯ୍ୟ ଉପାସନା କରି ଦୁହିଁଙ୍କୁ ହୃଦୟରୁ ବନ୍ଦନା କରିପାରିବ ସେ ନିଶ୍ଚୟ ଜଗନ୍ନାଥଙ୍କ ପୁଲି ସାହାଯ୍ୟରେ ତାଙ୍କ ସାନିଧ ପାଇପାରିବ । ତାଳି ବାଜିଥିଲା ବହୁତ ଯାହା ସ୍ୱାଭାବିକ ଥିଲା କିନ୍ତୁ ସ୍ୱାମୀ କାନ ପାଖେ ଚୁପି ଚୁପି କହୁଥିଲେ ଖୁବ ସୁନ୍ଦର ତତ୍ତ୍ୱ ରଖିଲ ତ !କାନ୍ତାଙ୍କ ଉତ୍ତର ଥିଲା ସୂର୍ଯ୍ୟଙ୍କ କୋପରୁ ରକ୍ଷା ପାଇବାକୁ କିଏ ଗାଧେଇ ସାରି ଜଳ ଟେକୁନି କୁହତ ତାଙ୍କୁ !କିଏ ବି ଭକ୍ତିରେ ଗାଉନି 'ଓଁ ତ୍ରୟୋମ୍ବକ ଯାଯାମହେ ସୁଗନ୍ଧି ପୁଷ୍ଟିବର୍ଦ୍ଧନ... ଉର୍ବାରିକ ବନ୍ଧନାତ ପ୍ରଣତୋସ୍ମି ଦିବାକରମ । ହଉ ହଉ ଗଲାବେଳେ ଛତା କିଣି ନେବାକୁ ଭୁଲିବନି । ସ୍ୱାମୀ ସୁକାନ୍ତ ତଥାପି ରସିକତା କରୁଥିଲେ ଛତା ପା ତୁମ ଅନ୍ତର ଭିତରେ ଅଛି ଭକ୍ତିରସରେ ।

+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ : ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ପୁରୀ, ୩୧/୩ (ନି.ପ୍ର): ୨୦୨୪ ମସିହାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ନିର୍ବାଚନ ସହ ରଥଯାତ୍ରାର ପ୍ରସ୍ତୁତି କରିବାକୁ ହେବ। ତେଣୁ ପ୍ରତ୍ୟେକ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥ କପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତିକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସପି ପୀନାକ ମିଶ୍ର ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷା ଇତ୍ୟାଦିକୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ ବିଗତ ବର୍ଷ ମାନଙ୍କର ରଥଯାତ୍ରା ପରିଚାଳନା ସମ୍ପର୍କରେ ଆଲୋକପାତ କରି ଅନୁଭବ ଓ ଅଭିଜ୍ଞତା ଆଧାରରେ ରଥଯାତ୍ରାକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠର ଆବଶ୍ୟକତା, ଉପଲବ୍ଧ କାଠର ବିବରଣୀ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ରଥଯାତ୍ରାର ସଫଳ ଆୟୋଜନ ପାଇଁ ବିବିଧ ପରାମର୍ଶ ଦେବା ସହ ପରିକ୍ରମା ପ୍ରକଳ୍ପ ପରେ ଏହା ପ୍ରଥମ ରଥଯାତ୍ରା ହୋଇଥିବାରୁ ବ୍ୟାପକ ଜନଗହଳିର ଆଶା ଥିବାରୁ ସେଥିପାଇଁ ବ୍ୟବସ୍ଥା ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ ଅନନ୍ତ ତିଆଡି, ଦୂର୍ଗା ପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଜଗନ୍ନାଥ ସିଂହାରୀ, ମାଧବ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ରଥଯାତ୍ରା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୨ ତାରିଖରେ ଅନୁଷ୍ଠିତ ହେବ ବୋଲି ନୀତି ପ୍ରଶାସକ ଅବଗତ କରାଇଥିଲେ।

# କଳାହାଣ୍ଡି ଜିଲ୍ଲାରେ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ

ଭବାନୀପାଟଣା, ୩୧/୩ (ନି.ପ୍ର): ଆଜି ଚଳିତ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାରେ ପ୍ରିଜାଇଡିଂ ଅଧିକାରୀ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କୁ ନେଇ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ସରକାରୀ ମହିଳା ମହାବିଦ୍ୟାଳୟରେ ଏବଂ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ମୋଟ ୧୭୬ ଜଣ ଏବଂ ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମୋଟ ୯୩ ଜଣ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ଜିଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗସ୍ତରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଏ ଏଲ ଏମ ଟି ଓ ଡି ଏଲ ଏମ ଟି ରୂପେ ନିୟୋଜିତ ବି ଡି ଓ, ତହସିଲଦାର ଓ ଅନ୍ୟ ଅଧିକାରୀ ତାଲିମ ପ୍ରଦାନ କରୁଛନ୍ତି। ଆଜିର ତାଲିମ କାର୍ଯକ୍ରମରେ ମୁଖ୍ୟତଃ ମହିଳା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ମାନେ ଭାଗ ନେଇଛନ୍ତିଓ ସଖୀ ବୁଥ ପରିଚାଳନା କରିବା ପାଇଁ ତାଲିମ ନେଉଛନ୍ତି। ସେମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ, ଇ ଭି ଏମ ଓ ଭି ଭି ପାଟ ମେସିନ୍ ର ସଂଯୋଗ ଓ କାର୍ଯ୍ୟକାରିତା, କଣ୍ଟ୍ରୋଲ ୟୁନିଟ ର ବ୍ୟବହାର, ଭୋଟ ଦାନ ପ୍ରକ୍ରିୟା କୁ ଶୃଙ୍ଖଳିତ, ସେକ୍ଟର ଅଧିକାରୀଙ୍କୁ ସୂଚନା ଓ ଯୋଗାଯୋଗ ଉପରେ ବିଶେଷ ତାଲିମ ନେଇଛନ୍ତି। ଭବାନୀପାଟଣା ଉପଖଣ୍ଡ ସରକାରୀ ମହିଳା ମହାବିଦ୍ୟାଳୟ ପାଇଁ ସି ଡି ଓ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଏବଂ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପାଇଁ ଭବାନୀପାଟଣା ଉପଜିଲ୍ଲାପାଳ ଡଃ ବିଶ୍ୱଜିତ ଦାସ, ଧର୍ମଗଡ ଉପଖଣ୍ଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପାଇଁ ଧର୍ମଗଡ ଉପ ଜିଲ୍ଲାପାଳ ଧୀମନ ଚକମା ଏବଂ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଛନ୍ତି।

# ଫୁଲବାଣୀ ଓକିଲ ସଂଘର ନିର୍ବାଚନ : ସଭାପତି ନିରୋଦ ଓ ସମ୍ପାଦକ କୁଞ୍ଜ

କନ୍ଧମାଳ, ୩୧/୩ (ନି.ପ୍ର): ଓଡିଶା ଷ୍ଟେଟ ବାର କାଉନ୍ସିଲ ର ନିର୍ଦ୍ଦେଶ କ୍ରମେ ସମଗ୍ର ଓଡିଶାରେ ପ୍ରତ୍ୟେକ ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଫୁଲବାଣୀ ଓକିଲ ସଂଘର ନିର୍ବାଚନ ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଠିକ୍ ସମୟରେ ସମସ୍ତ ପ୍ରତିଦ୍ୱନ୍ଦୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ଫୁଲବାଣୀ ଓକିଲ ସଂଘର ନିର୍ବାଚନ ଫଳାଫଳ ପ୍ରକାଶିତ ହୋଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ନିରୋଦ କୁମାର ପାତ୍ର ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ କୁଞ୍ଜ ବିହାରୀ ଶତପଥୀ ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟ ମାନେ ଯଥା ଉପସଭାପତି ଭାବେ ହର ପ୍ରସାଦ ସାମନ୍ତ, ସହ ସମ୍ପାଦକ ସୁଶାନ୍ତ କୁମାର ସାହୁ, ଲାଇବ୍ରେରୀ ସମ୍ପାଦକ ଭାବେ ମୋହନ କୁମାର ପଣ୍ଡା, କୋଷାଧକ୍ଷ ଭାବେ ଅସ୍ମିତା କୁମାରୀ ନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରତାପ କୁମାର ପାତ୍ର, ଅଜୟ କୁମାର ସିଂ, ଗୌରୀ ଶଙ୍କର ବେହେରା, ଦିଲ୍ଲୀପ କୁମାର ବାନାର୍ଜୀ, ବୀଣା ପାଣି ପ୍ରଧାନ, ବିରେନ୍ଦ୍ର କୁମାର ସୁବୁଦ୍ଧି, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଘୋଷଣା କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପରେ ଫୁଲବାଣୀ ବାର ଆସୋସିଏସନର ପୂର୍ବତନ ସଭାପତି ଭାଗବାନ ମହାନ୍ତି ଓ ସମ୍ପାଦକ କମଳ କୁମାର ବେହେରା, ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି ପ୍ରମୁଖ ନବ ନିର୍ବାଚିତ କର୍ମକର୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥି ସହିତ ଆସନ୍ତା ୨ ତାରିଖରେ ପୂର୍ବତନ କର୍ମକର୍ତ୍ତା ନୂତନ କର୍ମକର୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଥିଲେ।

# ମତଦାତା ସଚେତନତା ରାଲି

ମାଲକାନଗିରି, ୩୧/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ମତଦାତା ସଚେତନତା ରାଲି ସ୍ଥାନୀୟ ମାଲକାନଗିରି ସଦର ବ୍ଲକ ପରିସରରୁ ବାହାରି ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ଉକ୍ତ ସଚେତନତା ରାଲିରେ ସଦର ମହକୁମାର ଛଅ ଗୋଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ସମେତ ଶଚିନ ପାୱାର, (ଭା.ପ୍ର.ସେ) ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଶ୍ରୀ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଶ୍ରୀ ସୋମନାଥ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ରିଟର୍ଣ୍ଣିଂ ଅଫିସର୍ ୧୪୭-ଚିତ୍ରକୋଣ୍ଡା ବିଧାନ ସଭା ନିର୍ବାଚନ ମଣ୍ଡଳୀ, ଶ୍ରୀ ଦୁର୍ଯ୍ୟୋଧନ ଭୋଇ, ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ମାଲକାନଗିରି ଉକ୍ତ ସଚେତନତା ରାଲିରେ ଅଂଶ ଗ୍ରହଣ କରିଥିଲେ। ଶୋଭା ଯାତ୍ରା ଆରମ୍ଭରେ ଶ୍ରୀ ଶଚିନ ପାୱାର, (ଭା.ପ୍ର.ସେ) ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପତାକା ଦେଖାଇ ଶୋଭା ଯାତ୍ରାଟିକୁ ଆରମ୍ଭ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭୋଟର ସଚେତନତା ଭିତିକ ସଙ୍ଗୀତ ଡାକ ବାଜି ଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯାଇ ଭୋଟର ମାନଙ୍କୁ ଭୋଟଦାନ ନିମନ୍ତେ ସଚେତନତାର ବାର୍ତା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଭୋଟର ସଚେତନତା ଭିତିକ ବିଭିନ୍ନ ସ୍ଲୋଗାନ ଡାକ ବାଜି ଯନ୍ତ୍ର ମାଧ୍ୟମରେ ପ୍ରଦାନ କରାଯାଇଥିଲା।

# ସନାଙ୍କ ପାଇଁ ଚ୍ୟାଲେଞ୍ଜ ୨୦୨୪ ନିର୍ବାଚନ

ଚମ୍ପୁଆ, ୩୧/୩ (ନି.ପ୍ର): ସନାତନ ମହାକୁଡ଼ଙ୍କ ପାଇଁ ଆଗାମୀ ୨୦୨୪ ନିର୍ବାଚନ ଚ୍ୟାଲେଞ୍ଜ ର ପରିସ୍ଥିତି ସୃଷ୍ଟି କରିବା ନେଇ ଚମ୍ପୁଆ ରାଜନୈତିକ ମହଲରେ ଆଲୋଚନା ଯୋର ଧରିଛି। ତେବେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ସାରିଛି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଶାସକ ଦଳ ଘୋଷଣା କରି ସାରିଥିବା ବେଳେ ଏକ ସପ୍ତାହ ମଧ୍ୟରେ ଅନ୍ୟ ଦଳ ମାନେ ମଧ୍ୟ ତାଙ୍କ ପ୍ରାର୍ଥୀ ତାଲିକା ଘୋଷଣା ଆରମ୍ଭ କରିବେ ବୋଲି ଅନୁମାନ କରାଯାଉଛି। ୨୦୨୪ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ନେତାଙ୍କ ଦଳ ବଦଳ ରାଜନୀତିକୁ ସେତିକି ଗରମ କରୁଥିବା ବେଳେ ଓଡ଼ିଶାର କୁବେରପୁରୀ କୁହାଯାଉଥିବା ରାଜ୍ୟର ସବୁଠାରୁ ହାଇ ପ୍ରୋଫାଇଲ ତଥା ବ୍ୟୟ ବହୁଳ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ମଧ୍ୟ ଚର୍ଚ୍ଚାରେ ରହିଛି। ବିଜେଡି ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣା କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଚମ୍ପୁଆର ନାମ ନ ଥିବାରୁ ଚମ୍ପୁଆର ପ୍ରାର୍ଥୀଙ୍କୁ ନେଇ ଆଲୋଚନା, ସମାଲୋଚନା ଯେତିକି ହେଉଛି ସେହି ମାତ୍ରାରେ କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହାକୁ ନେଇ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଚମ୍ପୁଆର ସବୁଠାରୁ ପ୍ରତିପତିଶାଳୀ ନେତା ଭାବେ ଜଣାଶୁଣା ସନାତନ ମହାକୁଡ଼ଙ୍କ ପାଇଁ ଚର୍ଚ୍ଚା ସବୁଠାରୁ ଅଧିକା ହେଉଥିବା ବେଳେ ସନାତନ କେଉଁ ଦଳକୁ ଯିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ। କେବେ ସେ ବିଜେପିରୁ ପ୍ରାର୍ଥୀ ହେବେ, ତ କେବେ ବିଜେଡି ତାଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଏବେ ରାଜନୈତିକ ମହଲରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ପୂର୍ବରୁ ସନାତନଙ୍କ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ପରିଚୟ ରହି ଆସିଥିଲେ ମଧ୍ୟ ଆଗାମୀ ନିର୍ବାଚନରେ ଯଦି ସନାତନ କୌଣସି ଦଳର ବ୍ୟାନରରେ ଛିଡା ନ ହୋଇ ସ୍ୱାଧୀନ ପ୍ରାର୍ଥୀ ହେବେ ତାହା ତାଙ୍କ ପାଇଁ ଏତେଟା ସହଜ ହେବ ନାହିଁ ବୋଲି ଆକଳନ କରାଯାଉଛି। ଏକଦା ସନାତନଙ୍କ ସମର୍ଥନରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିବା ବେଳେ ଗତ କିଛି ବର୍ଷ ମଧ୍ୟରେ ତାଙ୍କର ଅହି ନକୁଳ ସମ୍ପର୍କ ସନାତନଙ୍କ ବିପକ୍ଷରେ ମିନାକ୍ଷୀଙ୍କ ପ୍ରଭାବ ଜାହିର କରି ସାରିଛି। ସନା, ମୀନା ଅଲଗା ହେବା ପରେ ପୂର୍ବରୁ ଭଡା ବାବା ଭାବେ ବିଖ୍ୟାତ ଥିବା ସନା ମହାକୁଡ଼ଙ୍କ ଆଉ ଭଡା ରାଜନୀତି ଚାଲୁ ନାହିଁ। ଦୀର୍ଘ ଦିନ ଧରି ସନା ମହାକୁଡ଼ ସାଧାରଣ ଲୋକ ସମ୍ପର୍କ ଠାରୁ ଦୂରେଇ ରହି କେବଳ ତାଙ୍କର ହାତ ଗଣତି କେତେ ଜଣ କର୍ମୀଙ୍କ ଭରଷାରେ ରହି ଯାଇ ଥିବାରୁ ତାଙ୍କର ଆଉ ପୂର୍ବପରି ଦୃଢ ସଂଗଠନ ମଧ୍ୟ ନ ଥିବା ଆଲୋଚନା ହେଉଛି। ଅନ୍ୟପଟେ ଆଗାମୀ ନିର୍ବାଚନରେ ସନାତନଙ୍କୁ କଡା ଟକ୍କର ଦେବାକୁ ମିନାକ୍ଷୀ ପୁରା ଦମରେ ଅଣ୍ଟା ଭିଡି ଥିବାବେଳେ ଏବେ ବିଜେଡି ଟିକେଟ ର ପ୍ରମୁଖ ଦାବିଦାର ମିନାକ୍ଷୀ ମହାନ୍ତ ବୋଲି କୁହାଯାଉଛି। ଚଳିତ ନିର୍ବାଚନରେ ମିନାକ୍ଷୀଙ୍କୁ ଯଦି ଦଳ ପ୍ରାର୍ଥୀ କରିବ ମିନାକ୍ଷୀଙ୍କୁ ଟେକ ଦେବାକୁ ସନାତନ ସ୍ୱାଧୀନ ପ୍ରାର୍ଥୀ ହେବା ଆଲୋଚନା ହେଉଥିବା ବେଳେ ଏ ପରିସ୍ଥିତିରେ ଚମ୍ପୁଆ ଚତୁର୍ମୁଖୀ ଲଢେଇ ଦେଖିବ ବୋଲି ଅନୁମାନ କରାଯାଉଛି। ନିକଟରେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କୁ କଂଗ୍ରେସ ଟିକେଟ ଦେବା ଏକ ପ୍ରକାର ସ୍ପଷ୍ଟ ରହିଥିବା ବେଳେ ବିଜେପିରୁ ଶ୍ରୀମନ୍ତ ତ୍ରିପାଠୀ କିମ୍ବା ମୁରଲୀ ମନୋହର ଶର୍ମା ପ୍ରାର୍ଥୀ ହେବା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ଏ ପରିସ୍ଥିତିରେ ମିନାକ୍ଷୀ ବିଜେଡିରୁ ଯଦି ପ୍ରାର୍ଥୀ ହେବେ ସନାତନ ସ୍ୱାଧିନ ଭାବେ ନିର୍ବାଚନ ଲଢ଼ିବେ। ତା''ହେଲେ ଚମ୍ପୁଆରେ ଚତୁର୍ମୁଖୀ ଲଢେଇରେ ସନାତନଙ୍କ ପ୍ରଭାବ କେତେ ରହିବ ତାହା ସମୟ କହିବ।

# ବିଷପାନ କରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

କୋରେଇ, ୩୧/୩ (ନି.ପ୍ର): ପାଣିକୋଇଲି ଗ୍ରାମରେ ମାମୁଁ ଘରେ ରହୁଥିବା ଜଣେ ଯୁବକ ଗତ ଶୁକ୍ରବାର ଦିନ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ତଥା କରଦା ପଂଚାୟତ ଅନ୍ତର୍ଗତ ବର୍ତମଣା ଗ୍ରାମର ଶଶୀଭୁଷଣ ପାଢୀଙ୍କ ପୁଅ ଗଣେଶ (୨୫)ପିଲାବେଳୁ ପାଣିକୋଇଲି ଗ୍ରାମରେ ଥିବା ମାମୁଁ ଘରେ ରହିବା ସହିତ ବ୍ୟବସାୟ କରୁଥିଲେ। ତେବେ କୌଣସି କାରଣକୁ ନେଇ ମାନସିକ ଭାରସାମ୍ୟ ହରାଇବା ପରେ ସେ ଶୁକ୍ରବାର ଦିନ ବିଷ ପିଇଦେଇଥିଲେ। ଘରଲୋକ ଜାଣିପାରି ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ କିନ୍ତୁ ଡ଼ାକ୍ତର ତାଙ୍କ ଅବସ୍ଥା ଦେଖି କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ତେବେ ବର୍ତମାନ ସେ ସେଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ଉତ୍ସାହ ଉଦ୍ଦୀପନାର ସହ ଶେଷ ହେଲା କେନ୍ଦ୍ରାପଡାର ଛାମୁ ମେଲଣ ଓ ଠାକୁର ହୋଲି

କେନ୍ଦ୍ରାପଡ଼ା, ୩୧/୩ (ନି.ପ୍ର): ପାରମ୍ପରିକ ଉତ୍ସାହ ଓ ଉଦ୍ଦୀପନାର ସହ କେନ୍ଦ୍ରାପଡାର ଠାକୁର ହୋରୀ ଓ ଛାମୁ ମେଲଣ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଛି। ଦୋଳପୂର୍ଣ୍ଣିମାର ପଂଚମ ଦିନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ପଂଚୁଦୋଳ ମଧ୍ୟ କୁହାଯାଏ। ଗତକାଲି ବିଳମ୍ବିତ ରାତିରେ ପୁରୁଣା ବସଷ୍ଟାଣ୍ଡର ଦୋଳ ମେଲଣ ସମାପ୍ତ ହେବାପରେ ବାଲିପାଟଣା ମୌଜାରୁ ଆସିଥିବା ପ୍ରସିଦ୍ଧ ଲଛମନଜୀଉଙ୍କ ଦୋଳ ମେଲଣ କୁ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯିବା ସହ ଭୋଗ ଆଳତୀ ସମର୍ପଣ କରାଯାଇ ଥିଲା। ପୁରୁଣା ବସଷ୍ଟାଣ୍ଡର ମେଲଣ ପଡିଆରେ ପାହାଡପୁର, ନାନକାର, ବିନୋଦ ବିହାରୀ, ରାଧା ଗୋବିନ୍ଦଜୀଉ, ବୁଢା ଗୋସେଇଁ, ବାରଙ୍ଗର ଚୂଳିସାହି ବିମାନ, କପିଳଜୀଉ ଓ ଲଛମନଜୀଉଙ୍କ ବିମାନ ସମେତ ୧୪ଟି ବିମାନ ଏକତ୍ରିତ ହେବାପରେ ଧୂପ, ଦୀପ, ନୈବେଦ ପ୍ରଭୃତି ଦିଅଁମାନଙ୍କୁ ସମର୍ପଣ କରାଯାଇ ଥିଲା। ସକାଳ ପ୍ରୟ ୬ଟା ସମୟରେ ଏହି ସବୁ ବିମାନମାନଙ୍କର ପ୍ରସ୍ଥାନ ପର୍ବ ଆରମ୍ଭ ହୋଇଥିଲା। ଏହି ବିମାନ ଗୁଡିକ ସେଠାରୁ ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖକୁ ଶୋଭାଯାତ୍ରାରେ ପ୍ରସ୍ଥାନ କରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରୀ ଲଛମନଜୀଉ, କପିଳଜୀଉ, ରାଧା ଗୋବିନ୍ଦଜୀଉ ଓ ରଘୁନାଥଜୀଉଙ୍କ ବିମାନ ଶ୍ରୀ ବଳଦେବଜୀଉଙ୍କ ଚକଡା ଉପରେ ଆସ୍ଥାନ ଗ୍ରହଣ କରିବା ପରେ ମନ୍ଦିର ତରଫରୁ ପାରମ୍ପରିକ ନୀତିରେ ଦିଅଁ ମାନଙ୍କୁ ଗନ୍ଧ, ପୁଷ୍ପ, ଦୀପ, ଧୂପ, ନୈବେଦ୍ୟ ସପର୍ମଣ କରାଯାଇ ଥିଲା। ଏହା ସହିତ ସହର ର ବିଭିନ୍ନ ସ୍ଥାନରେ ରଙ୍ଗ ଖେଳ ବା ହୋଲି ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ବିଭିନ୍ନ ବର୍ଗର ଜନ ସାଧାରଣ ଭାଇଚାରର ନିଦର୍ଶନ ସହିତ ସ୍ୱରୂପ ପରସ୍ପର କୁ ଅଭିର ଓ ରଙ୍ଗ ମାରି ବର୍ଷକର ଏହି ପର୍ବକୁ ପାଳନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଟାଉନ ଥାନା ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ମୁତୟନ ରହିବା ସହ ପେଟ୍ରୋଲିଂ ଗାଡି ସହର ସାରା ପଇଁତରା ମାରି ପରିସ୍ଥିତି ଉପରେ ନଜର ରଖିଥିବା ଜଣାପଡିଛି।

# ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସମାନତା ଆଣିବାକୁ ଜାତିଭିତ୍ତିକ ଜନଗଣନା ଜରୁରୀ : କଂଗ୍ରେସ

ଭୁବନେଶ୍ୱର, ୩୧/୩ (ନି.ପ୍ର): ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସମାନତା ଆଣିବାକୁ ହେଲେ ଜାତି ଜନଗଣନା ଜରୁରୀ ଏବଂ ତଦନୁଯାୟୀ ସଂଶାଧନରେ ଅଧିକାର ଦେବାକୁ ସଂରକ୍ଷଣ ପ୍ରଦାନ କରିବାକୁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାମାଜିକ ଗଣମାଧ୍ୟମ ବିଭାଗର ଅଧକ୍ଷ ଅମୀୟ ପାଣ୍ଡବ ପ୍ରକାଶ କରିଛନ୍ତି। ଦଳର ସର୍ବଭାରତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ରାହୁଲ ଗାନ୍ଧୀ ଏଥିପ୍ରତି ନିଜର ଅଙ୍ଗୀକାରବଦ୍ଧତା ଘୋଷଣା କରିଥିବାବେଳେ ଦଳର ନିର୍ବାଚନୀ ଗ୍ୟାରେଂଟିରେ ଏହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଛୁଆବର୍ଗ ପାଇଁ କ୍ରମାଗତ ଭାବେ ଅବହେଳା କରି ଆସୁଛନ୍ତି ବୋଲି ଶ୍ରୀ ପାଣ୍ଡବ ଅଭିଯୋଗ କରିବା ସହ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଗୋଟିଏ ପଟେ ନରେନ୍ଦ୍ର ମୋଦି ନିଜକୁ ଓ.ବି.ସି. କହି ଭୋଟ ମାଗୁଛନ୍ତି, ଅନ୍ୟପଟେ ସମୁଦାୟ ଜନସଂଖ୍ୟାର ୫୦ ଶତକଡ଼ା ଓବିସି ବର୍ଗ ପ୍ରତି ଉପେକ୍ଷା କରୁଛନ୍ତି। ବିରୋଧି ଦଳମାନଙ୍କର ବାରମ୍ବାର ଦାବୀ ସତ୍ତ୍ୱେ ସରକାର ଜାତି ଜନଗଣନା କରୁନାହାନ୍ତି। ପଛୁଆବର୍ଗଙ୍କ ବିରୋଧରେ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରାହୁଲ ଗାନ୍ଧୀ 'ଭାଗିଦାରୀ ନ୍ୟାୟ' ମାଧ୍ୟମରେ ପଛୁଆ ବର୍ଗଙ୍କୁ ଦେଶର ସଂଶୋଧନରେ ଉପଯୁକ୍ତ ଭାଗିଦାରୀ ପାଇଁ ଗୁରୁତ୍ୱ ଦେଇ କହିଛନ୍ତି ଯେ ଦେଶରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତନ କରାଯିବ ଏବଂ ୫୦ % ର ସୀମାବଦ୍ଧତାକୁ କଂଗ୍ରେସ ସରକାର ଉଠାଇ ଦେବ ବୋଲି କହିଥିଲେ। ସେହିପରି ରାଜ୍ୟରେ ଓବିସି ବର୍ଗପ୍ରତି ଚରମ ଅବହେଳାର ପ୍ରମାଣ ଭାବେ ସରକାରୀ ଚାକିରୀ କ୍ଷେତ୍ରରେ ସେମାନଙ୍କ ୨.୮% ଉପସ୍ଥିତିକୁ ନିଆଯିବା ସହ ୬୩% ଓବିସି ବର୍ଗର ଛାତ୍ରଛାତ୍ରୀ ପ୍ରାଥମିକ ଶିକ୍ଷାରୁ ବଂଚିତ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟରେ ମଧ୍ୟ କଂଗ୍ରେସ ସରକାରକୁ ଆସିଲେ ଅଗ୍ରାଧିକାର ଭିତିରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭% ସଂରକ୍ଷଣ ପ୍ରଦାନ କରାଯିବ ବୋଲି ଶ୍ରୀ ପାଣ୍ଡବ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମିଡ଼ିଆ ପ୍ୟାନେଲିଷ୍ଟ ଶୁଭେନ୍ଦୁ ଶେଖର ମଲ୍ଲିକ ଉପସ୍ଥିତ ଥିଲେ।

# ମାହାଙ୍ଗା ୯୫ ବିଧାନସଭା କ୍ଷେତ୍ର ପାଇଁ ଆଶୟୀ ବିଧାୟକ ପ୍ରାର୍ଥୀ

ସାଲେପୁର , ୩୧/୩ (ନି.ପ୍ର): ମାହାଙ୍ଗା ନଂ ୯୫ (ଅସଂରକ୍ଷିତ) ବିଧାନସଭା କ୍ଷେତ୍ର କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଅଧିନରେ ଆସୁଛି। ମାହାଙ୍ଗା ବ୍ଲକର ୩୭ଗୋଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ଗୋଟି ପଂଚାୟତକୁ ନେଇ ଏହି ବିଧାନସଭା ମଣ୍ଡଳୀ ଗଠିତ। ଏଠାକାର ମୋଟ ୨ଲକ୍ଷ ୬୯ ହଜାର ୪୪ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୩୯ ହଜାର୨୦୩ ପୁରୁଷ ଭୋଟର, ୧ଲକ୍ଷ୨୯ ହଜାର୮୨୫ ମହିଳା ଭୋଟର ଓ ଅନ୍ୟାନ୍ୟ ଭୋଟର ୧୬ ଜଣ ଅଛନ୍ତି। ମାହାଙ୍ଗା ବ୍ଲକର ୧୮୫ଟି ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ୧୨୪ଗୋଟି ମୋଟ ୩୦୯ ବୁଥ୍ରେ ମତଦାତାମାନେ ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଜୁନ୍ ୧ ତାରିଖରେ ମାହାଙ୍ଗା ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ତାରିଖ ଘୋଷଣା ସରିଛି ଏବଂ ନିର୍ବାଚନୀ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନକୁ ଆଖି ଆଗରେ ରଖି ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜ ନିଜର ସଂଗଠନକୁ ସୁଦୃଢ କରିବାରେ ଲାଗିପଡିଲେଣି। ନିଜ ନିଜର ସମର୍ଥକମାନଙ୍କୁ ନେଇ ସଭାସମିତି ଆୟୋଜନ କରିବା, ଅଷ୍ଟପ୍ରହରୀ. ଯଜ୍ଞ ଏପରିକି ଜନ୍ମବାର୍ଷିକୀ ପୂଜା ଓ ଏକାଦଶାହ, ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ନିଜନିଜ ସପକ୍ଷରେ ଜନସଂପର୍କ ଯୋଡିବାରେ ବ୍ୟସ୍ତ ରହୁଛନ୍ତି। ଏପର୍ଯ୍ୟନ୍ତ ଏହି ତିନି ପ୍ରମୁଖ ରାଜନୈତିକ ଦଳର ମୁଖିଆ କିଏ ମାହାଙ୍ଗାରେ ପ୍ରାର୍ଥୀ ହେବ ତାହା ସ୍ଥିର କରି ସ୍ୱୀକୃତୀ ପ୍ରଦାନ କରିନାହାଁନ୍ତି। ସାଂଗଠନିକ କାର୍ଯ୍ୟକ୍ରମରୁ ଜଣାପଡୁଛି ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳରୁ ଜଣେମାତ୍ର ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ତଥା ବର୍ତମାନ ମାହାଙ୍ଗା ବିଧାୟକ ପ୍ରତାପ ଜେନା ବିଜେଡି ଦଳୀୟ ସ୍ୱୀକୃତୀ ପାଇବା ପାଇଁ ଏକାକୀ ଦାବିଦାର ଥିବା ବେଳେ କଂଗ୍ରେସରୁ ପିସିସି ଶୃଙ୍ଖଳା କମିଟି ସଦସ୍ୟ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ଓ ପିସିସି କଂଗ୍ରେସ କମିଟି ସାଧାରଣ ସଂପାଦକ ପ୍ରଦୀପ୍ତ କୁମାର ଦାସ(ବୁଲୁ) ଉଭୟ ନିଜ ନିଜର ସମର୍ଥକମାନଙ୍କୁ ଧରି ସାଂଗଠନିକ କାର୍ଯ୍ୟକରୁଥିବା ବେଳେ ଉଭୟେ କଂଗ୍ରେସର ଦଳୀୟ ସଂକେତ ପାଇ ମାହାଙ୍ଗା ବିଧାୟକ ଭାବେ ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଛନ୍ତି। ସେହିପରି ବିଜେପିରୁ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ପୂର୍ବତନ ପ୍ରାର୍ଥୀ ଶାରଦା ପ୍ରଧାନ, ମାହାଙ୍ଗା ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଏବଂ ନିକଟରେ ବିଧିବଦ୍ଧ ଭାବେ ଭାରତୀୟ ଜନତାପାର୍ଟିରେ ଯୋଗଦେଇଥିବା ମାହାଙ୍ଗା ଅଂଚଳର ଯୁବ ସମାଜସେବୀ ସୁମନ୍ତ କୁମାର ଘଡେଇ ବିଜେପି ଦଳୀୟ ଟିକେଟ ପାଇ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଛନ୍ତି। ବିଜେପିର ଏହି ତିନିନେତା ନିଜ ନିଜର ସମର୍ଥକମାନଙ୍କୁ ନେଇ ଅଲଗା ଅଲଗା ଭାବେ ସାଂଗଠନିକ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ବିଜେଡିରୁ ଏକମାତ୍ର ପ୍ରାର୍ଥୀ ପ୍ରତାପ ଜେନାଙ୍କ ନାମ ଆସୁଥିଲା ବେଳେ କଂଗ୍ରେସର ଦୁଇ ଦେବେନ୍ଦ୍ର କୁମାର ସାହୁ ଓ ପ୍ରଦୀପ୍ତ କୁମାର ଦାସ, ବିଜେପିରୁ ଶ୍ରୀଯୁକ୍ତ ଶାରଦା ପ୍ରଧାନ, ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଓ ସୁମନ୍ତ କୁମାର ଘଡେଇଙ୍କ ମଧ୍ୟରୁ କଂଗ୍ରେସ ଓ ବିଜେପି କାହାକୁ ଦଳୀୟ ସ୍ୱୀକୃତୀ ପ୍ରଦାନ କରି ମାହାଙ୍ଗାରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରାର୍ଥୀ କରିବ ତାହା ଦେଖିବାକୁ ବାକି ରହିଲା।

# ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ୧୮ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୩୧/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁରର ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ଜଣାଶୁଣା ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସର ପ୍ରାପ୍ତ ଇଞ୍ଜିନିଅର ଗୁଣନିଧି ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଢେଙ୍କାନାଳ ସ୍ଥିତ ମହିମା ମହା ବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପକ ଡ. ତନ୍ମୟ କବି ଓ ହ୍ରାଇଦ୍ରାବାଦ୍‌ର ଭେଙ୍କଟେଶ୍ୱର ରାଓ ଯୋଗଦେଇ ଓସ୍ତପୁର ଭଳି ଏକ ନିପଟ ମଫସଲ ଅଂଚଳରେ ୧୭ବର୍ଷ ପୂର୍ବେ ଏକ ମହତ ଉଦେଶ୍ୟରେ ମା' ବସନ୍ତ କୁମାରୀଙ୍କ ନାମରେ ପ୍ରତିଷ୍ଠା କରାଯାଇ ଥିବା ଏଭଳି ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟରେ ୧୫ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଛି। ଉତ୍ସବ ପରିଚାଳନାରେ ଚକ୍ଷୁ ଚିତ୍ସାଳୟର କର୍ମଚାରୀ ଇତିଶ୍ରୀ ନାୟକ, ସତ୍ୟବ୍ରତ ସିଂ, ଏ.ଏନ.ଏମ. ବନିତା ଧଳି, ବିଶ୍ୱରଞ୍ଜନ ନାୟକ, ରଞ୍ଜନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଚିକିତ୍ସାଳୟର ଡା. ସରୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଧାରଣ ନିର୍ବାଚନ ପାଇଁ ରୁଟ୍ ମେପ ପ୍ରସ୍ତୁତ

ଜୟପୁର, ୩୧/୩ (ନି.ପ୍ର): ଆଗାମି ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ତରଫରୁ ରୁଟ ମେପ ପ୍ରସ୍ତୁତ କରାଯାଇଛି। ଏନେଇ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ଓ କୋଟପାଡ ନିର୍ବାଚନ ମଣ୍ଡିଳି ପାଇଁ ରୁଟ ମେପ, ଯାନବାହାନ ବ୍ୟବସ୍ଥା ଉପରେ ନିଷ୍ପତ୍ତି ହୋଇଛି। ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭୋଟ ଦାନ କେନ୍ଦ୍ରକୁ କିପରି ପୁଲିଂ ପାର୍ଟି ଯିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏଡିଏମ ଲଗ୍ନଜିତ ରାଉତ, ଆଲୋମଣି ସେଠି, କୋରାପୁଟ ଉପ ଜିଲାପାଳ ବେଣୁଧର ଶବର, ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ପୌରନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏଆରଟି, ଜୟପୁର ଉପଖଣ୍ଡର ସମସ୍ତ ତହସିଲଦାର ଓ ବିଡିଓ ଉପସ୍ଥିତ ଥିଲେ।

# ବାଖରାବାଦ୍ ଶିବମୁନି ଯୋଗାଶ୍ରମରେ ୨୩ ତମ ବାର୍ଷିକୋତ୍ସବ ପାଳନ



ରୂପସା , ୩୧/୩ (ନି.ପ୍ର): ବାଖରାବାଦ୍ ଶିବମୁନି ଯୋଗାଶ୍ରମରେ, ମୁନି ସମାଜର ପ୍ରାନ୍ତୀୟ ପୂର୍ବତନ ଅଧ୍ୟକ୍ଷ, ବ୍ରହ୍ମଜ୍ଞାନୀ ଲେଖକ ଶ୍ରୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ ,ତାଙ୍କରି ସଭାପତିତ୍ୱରେ,ଆଶ୍ରମର ୨୩ ତମ ବାର୍ଷିକ ଅଧିବେସନ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ପରେଶ୍ ମୁନିଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଧରଣୀଧର ମୁନିଜୀ ମହୋଦୟ । ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ ।ବାର୍ଷିକ ବିବରଣୀ ପାଠ କରିଥିଲେ ଆଶ୍ରମର ଯୋଗ ଶିକ୍ଷକ ଯୋଗୀ ଶଙ୍କର ପାଲ ମହୋଦୟ। ମୁନି ସଙ୍ଗୀତ ଗାନ କରିଥିଲେ, ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ,ମୁନିମତୀ ଶକୁନ୍ତଳା ପରିଡ଼ା, ଆଦିବାସୀ ଭାଷାରେ ମୁନି ସଙ୍ଗୀତ ଗାନ କରିଥିଲେ ମୁନି ରାମ ହେମ୍ବ୍ରମ୍ ଏବଂ କାଦରୀ ହେମ୍ବ୍ରମ୍ ପ୍ରମୁଖ । ସର୍ବ ପ୍ରଥମେ ଅତିଥି ମାନଙ୍କର ପଦ ପ୍ରକ୍ଷଆଳନ କରି ପୁଷ୍ପ ଶଯ୍ୟାରେ ଚଲାଇବା ସହିତ ମସ୍ତକରେ ପୁଷ୍ପ ବୃଷ୍ଟି କରାଇ ମଞ୍ଚକୁ ଆବାହନ କରାଯାଇଥିଲା । ତା ପରେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଥିଲା । ଜୀବାଦୈତ୍ୟବାଦ ଅନୁଯାଇ ଆତ୍ମାରୁ ଏ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇ ଥିବାରୁ, ଆତ୍ମା ବା ବ୍ରହ୍ମର ଉପାସନା କଲେ,ସମସ୍ତ ପ୍ରକାର ଆଧ୍ୟାତ୍ମିକ ଆଧିଭ୍ଉତିକ,ଆଧିଦୈବିକ,ସୁଖ ଶାନ୍ତି ଏବଂ ଆନନ୍ଦ ସଙ୍ଗେସଙ୍ଗେ ମିଳିପାରିବା ସହିତ ,ଜୀବନ ମୁକ୍ତି ମଧ୍ୟ ହୋଇ ପାରିବ ବୋଲି ବକ୍ତାମାନେ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଉପସ୍ଥିତ ଥିଲେ, ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା, ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ, ମୁନି ରଘୁନାଥ ବେହେରା, ମୁନିମତୀ ସୁକାନ୍ତି ବାରିକ,ମୁନି ରାହାସବିହାରୀ ବାରିକ, ପାର୍ବତୀ ସିଂ, ସରସ୍ୱତୀ ମଣ୍ଡଳ, ସରସ୍ୱତୀ ନନ୍ଦ , ଗୁରୁବାରି ମୁର୍ମୁ, କାପୁରା ମୁର୍ମୁ,ଭ ରତ ସିଂ, ଶ୍ରୀମତୀ ସିଂ, ପ୍ରମିଳା ବେହେରା, ମନୋରମା ବାରିକ, ସବିଦା ମାଝି, ଗୁରୁବାରି ହେମ୍ବ୍ରମ୍, ଫୁଲମଣୀ ବେହେରା, ମୁନିକୁମାରୀ ମିନତୀ ଦଳାଇ, ମୁନିକୁମାରୀ ସୀତା ହାଁସଦା, ମୁନି ଶାନ୍ତନୁ ମିସ୍ତ୍ରୀ,ମୁନି କୁମାର ତ୍ରୀସାନ୍,ମୁନି ଅଶୋକ ବେହେରା ପ୍ରମୁଖ । ଶେଷରେ ଆଶ୍ରମର ଅଧ୍ୟକ୍ଷ ମୁନିରାଜ କାଳୀଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମ୍ୟାଚ୍ ଫିକ୍ସିଂ ହୋଇଛି...

ଆମକୁ ଅଭିଯାନ ଚଳାଇବାକୁ, ରାଜ୍ୟକୁ କର୍ମୀ ପଠାଇବାକୁ, ପୋଷ୍ଟର ଲଗାଇବାକୁ ପଡିବ, କିନ୍ତୁ ଆମର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଅଚଳ। ଏ କେଉଁ ପ୍ରକାର ନିର୍ବାଚନ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ରାହୁଲ ଗାନ୍ଧୀ। କଂଗ୍ରେସ ନେତା ଆହୁରି କହିଛନ୍ତି, ଗରିବଙ୍କଠାରୁ ସମ୍ବିଧାନ ଛଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଏବଂ ୩-୪ ଜଣ ଘନିଷ୍ଠ ପୁଞ୍ଜିପତିଙ୍କ ଦ୍ୱାରା ମ୍ୟାଚ୍ ଫିକ୍ସିଂ କରାଯାଉଛି। ଏଥର ନିର୍ବାଚନ ସାଧାରଣ ନିର୍ବାଚନ ନୁହେଁ, ଏହା ଦେଶ ତଥା ସମ୍ବିଧାନକୁ ବଞ୍ଚାଇବାର ନିର୍ବାଚନ। ଯଦି ଆପଣ ବିଚାର-ବିମର୍ଶ ନକରି ଭୋଟ୍ ନ ଦିଅନ୍ତି, ତେବେ ସେମାନଙ୍କ ମ୍ୟାଚ୍ ଫିକ୍ସିଂ ସଫଳ ହେବ; ଯଦି ଏହା ସଫଳ ହୁଏ ତେବେ ସମ୍ବିଧାନ ନଷ୍ଟ ହୋଇଯିବ। ସମ୍ବିଧାନ ହେଉଛି ଲୋକଙ୍କ ସ୍ୱର। ଯେଉଁ ଦିନ ଏହି ସ୍ୱର ବନ୍ଦ ହୋଇଯିବ, ସେଦିନ ରାଷ୍ଟ୍ରର ସମାପ୍ତି ଘଟିବ।' ଜଣେ ବିଜେପି ସାଂସଦ କହିଥିଲେ ୪୦୦ରୁ ଅଧିକ ସିଟ୍ ପାଇବା ପରେ ଆମେ ସମ୍ବିଧାନ ପରିବର୍ତ୍ତନ କରିବୁ। ଯଦି ଏପରି ହୁଏ ତେବେ ଦେଶରେ ହିଂସା ସୃଷ୍ଟି ହେବ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ପ୍ରକାଶ ଥାଉକି, ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଇଡିର ଏହି କାର୍ଯ୍ୟାନୁଷ୍ଠାନକୁ ଆପ୍ ସମେତ ଅନେକ ବିରୋଧୀ ଦଳ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ଗିରଫଦାରୀ ବିରୋଧରେ ଏକଜୁଟ ହୋଇଛନ୍ତି। ଆଜି ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳ 'ଲୋକତନ୍ତ୍ର ବଞ୍ଚାଅ' ରାଲି କରିଛନ୍ତି। ଦିଲ୍ଲୀର ରାମଲଲା ମୈଦାନରେ ଏହି ରାଲି ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ, ପିଡିପି ମୁଖ୍ୟ ମେହବୁବା ମୁଫତି, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ସମାଜବାଦି ପାର୍ଟି ସଭାପତି ଅଖିଳେଶ ଯାଦବ, ଏନସିପି ମୁଖ୍ୟ ଶରଦ ପାୱାର, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଓ ଅନ୍ୟମାନ ଉପସ୍ଥିତ ଥିଲେ।

### ବିଜେପିରେ ମିଶିଲେ...

ସାମଗ୍ରୀକ ବିକାଶ ପାଇଁ ବିଜେପିରେ ସାମିଲ୍ ହୋଇଛି। କୋରେଇ ପାଇଁ ବହୁତ କାମ କରିଛି। ଅନେକ କାମ ବାକି ରହିଛି। ମାଆ, ମାଟି ଓ ସ୍ୱାଭିମାନ ପାଇଁ ଗୋଟିଏ ବୃହତ୍ତର ସଂଗ୍ରାମ ପାଇଁ ଆମେ ସମସ୍ତେ ଆଜି ଆସିଛେ। ଆମେ ସମସ୍ତେ ଜଣେ ଜଣେ ସୈନିକ ଭାବେ ଏ ସଂଗ୍ରାମ ଜାରି ରଖିବା। ମୁଁ ଆତ୍ମ ସମ୍ମାନକୁ ଦଳିଦେବା ଅପେକ୍ଷା ଓଡ଼ିଶାର ଅସ୍ମିତାର ଲଢ଼େଇ ପାଇଁ ବିଜେପିରେ ସାମିଲ ହୋଇଛି ବୋଲି ଆକାଶ କହିଛନ୍ତି। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଆକାଶ ଯାଜପୁର ଜିଲ୍ଲା କୋରେଇ ବିଧାୟକ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ ଦେଇନଥିଲା। ତାଙ୍କ ସ୍ଥାନରେ ଦଳ ଅଶୋକ କୁମାର ବଳଙ୍କୁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ବିଜୟ ହୋଇଥିଲେ।

### ବିଜେଡିରେ ମିଶିଲେ ...

ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ତିର୍ତ୍ତୋଲ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୨୦୦୯ରେ ସେ ଜଗତସିଂହପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ତେବେ ବିଜେଡି ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଥିଲେ।୨୦୧୪ରେ ଜଗତସିଂହପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଚିରଞ୍ଜୀବ।

### ଲୋକସଭା ନିର୍ବାଚନ...

ହେମନ୍ତ ସୋରେନ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରାଯାଇଛି। ନିର୍ବାଚନ ସମୟରେ ବିରୋଧୀ ରାଜନୈତିକ ଦଳଗୁଡିକୁ ଆର୍ଥିକ ରୂପେ ପଙ୍ଗୁ କରିବା ପାଇଁ ଜୋରଜବରଦସ୍ତ କାର୍ଯ୍ୟାନୁଷ୍ଠାନଗୁ ତରନ୍ତୁ ବନ୍ଦ କରାଯିବା ଉଚିତ ବୋଲି ଇଣ୍ଡିଆ ମହାମେଣ୍ଟ ପକ୍ଷରୁ ଦାବି କରାଯାଇଛି। ନିର୍ବାଚନୀ ଚାନ୍ଦାକୁ ବ୍ୟବହାର କରି ବିଜେପି ଦ୍ୱାରା ପ୍ରତିଶୋଧର ଭବାନ, ଜୋର ଜବରଦସ୍ତ ବଟଇ ଆଦାୟ ଓ ମନିଲଣ୍ଡରିଂ ଅଭିଯୋଗର ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍ଆଇଟି ଗଠନ କରାଯିବାକୁ ନେଇ ଦାବି ହୋଇଛି। କହିରଖୁ ଯେ ଇଡି ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜମି ଦୁର୍ନୀତି ଅଭିଯୋଗରେ ଏବଂ ଅରବିନ୍ଦ କେଜ୍ରିୱାଲଙ୍କୁ ମଦ ଅଭିଯୋଗରେ ଗିରଫ କରିଛି। ଏହି ଗିରଫଦାରୀକୁ ବିରୋଧ କରି ରବିବାର ଇଣ୍ଡିଆ ବ୍ଲକର ମହାରାଲି ଆୟୋଜିତ ହୋଇଥିଲା। ଏଥିରେ ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି। ଏଥିରେ ପ୍ରାୟ ୨୮ଟି ବିରୋଧୀ ଦଳ ମେଳି କରି ଶକ୍ତି ପ୍ରଦର୍ଶନ କରିବା ସହ ବିଜେପି ଉପରେ ବର୍ଷିଛନ୍ତି।

### ବିଜେପିକୁ କଡ଼ା ...

ଚ୍ୟାଲେଞ୍ଜ କରୁଛି। ୨୦୨୧ ବିଧାନସଭା ନିର୍ବାଚନରେ ସେମାନେ ୨୦୦ରୁ ଅଧିକ ଆସନରେ ଜିତିବା ନେଇ ଆହ୍ୱାନ ଦେଇଥିଲା କିନ୍ତୁ ତାଙ୍କୁ ୭୭ରେ ସନ୍ତୁଷ୍ଟ ହେବାକୁ ପଡିଥିଲା।' ଏଥିସହ ମମତା ନାଗରିକ ସଂଶୋଧନ ଆଇନ୍ ତଥା ସିଏଏକୁ ନେଇ ମଧ୍ୟ ବିଜେପି ଉପରେ ବର୍ଷିଛନ୍ତି। ରାଜ୍ୟରେ ସିଏଏକୁ କାର୍ଯ୍ୟକାରୀ କରିବାକୁ ଦେବୁ ନାହିଁ ବୋଲି ସେ କହିଛନ୍ତି। ସିଏଏ ପାଇଁ ଆବେଦନ ନକରିବାକୁ ସେ ଲୋକଙ୍କୁ ଅପିଲ କରିଛନ୍ତି। ସିଏଏ ପାଇଁ ଆବେଦନ କରୁଥିବା ବ୍ୟକ୍ତି ବିଦେଶୀ ବନି ଯାନ୍ତି ବୋଲି ସେ ଲୋକଙ୍କୁ ଚେତାଇଛନ୍ତି। ଏଥିପାଇଁ ଆବେଦନ ନକରିବାକୁ ସେ ଅନୁରୋଧ କରିଛନ୍ତି। ଆଇନଗତ ନାଗରିକମାନଙ୍କୁ ବିଦେଶୀରେ ପରିଣତ କରିବା ପାଇଁ ସିଏଏ ହେଉଛି ଏକ ଜାଲ। ଆମେ ପଶ୍ଚିମବଙ୍ଗରେ ସିଏଏ କିମ୍ବା ଏନଆରସିକୁ ଅନୁମତି ଦେବୁ ନାହିଁ ବୋଲି ତୃଣମୂଳ କଂଗ୍ରେସ ସୁପ୍ରିମୋ କହିଛନ୍ତି।

### କାର ମଡ଼ାଇ ହତ୍ୟା ଅଭିଯୋଗରେ ...

କରି କ୍ୟାପିଟାଲ ମେଡିକାଲକୁ ନେଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା କାରକୁ ଜବତ କରିବା ସହ ଗାଡ଼ିଚାଳକ ଜଗନ ପାଇକକୁ ଗିରଫ କରି କୋର୍ଟ ଚାଲାଣ କରିଛି ସହିଦନଗର ଥାନା ପୁଲିସ।

### ଦିନ ତାପମାତ୍ରା ୨ରୁ ...

ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରହିଥିଲା। ମାଲକାନଗିରିରେ ସର୍ବାଧିକ ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ଟିଟିଲାଗଡ଼ ଓ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ବଲାଙ୍ଗିରରେ ୪୦.୨ ଓ ନୟାଗଡ଼ରେ ୪୦ ଡିଗ୍ରୀ ରହିଥିଲା। ସେହିପରି ଭବାନୀପାଟଣାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୮ ଡିଗ୍ରୀ, ସୋନପୁରରେ ୩୯.୪, ନୂଆପଡ଼ାରେ ୩୯.୪, ଝାରସୁଗୁଡ଼ାରେ ୩୯.୩ ଓ ପାରଳାଖେମୁଣ୍ଡିରେ ୩୯.୨ ଡିଗ୍ରୀ ରହିଥିଲା। ଗତକାଲି ଅନୁଗୋଳରେ ତାପମାତ୍ରା ୩୮.୭ ଡିଗ୍ରୀ ଥିବା ବେଳେ ବାରିପଦାରେ ୩୮.୪, କେନ୍ଦୁଝରଗଡ଼ରେ ୩୮, ସୁନ୍ଦରଗଡ଼ରେ ୩୮.୫, ତାଳଚେରରେ ୩୮.୪, ଫୁଲବାଣୀରେ ୩୮.୩, ରାୟଗଡ଼ରେ ୩୮, ନବରଙ୍ଗପୁରରେ ୩୮.୪, ରାଉରକେଲାରେ ୩୮.୪ ଓ ଖୋର୍ଦ୍ଧାରେ ୩୮ ଡିଗ୍ରୀ ରହିଥିଲା। ଭୁବନେଶ୍ୱରର ସର୍ବୋଚ୍ଚ ଦିନ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କଟକରେ ୩୭.୬, ସମ୍ବଲପୁରରେ ୩୭.୮, ହୀରାକୁଦରେ ୩୭.୬, କୋରାପୁଟରେ ୩୭.୨, ଛତ୍ରପୁରରେ ୩୭, ଭଦ୍ରକରେ ୩୭, ଯାଜପୁରରେ ୩୭, ଢେଙ୍କାନାଳରେ ୩୭.୮, ବରଗଡ଼ରେ ୩୭.୪, ଜଗତସିଂହପୁରରେ ୩୭.୨ ଓ କେନ୍ଦ୍ରାପଡ଼ାରେ ୩୭ ଡିଗ୍ରୀ ରହିଥିଲା।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର , ୩୧/୩ (ନି.ପ୍ର): ଶ୍ରୀ ସତ୍ୟ ସାଇ ଭଜନ ମଣ୍ଡଳୀ ବାଗଦା ବିନାୟକପୂର୍ ବାଗଦା ଦାସ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଛି । ଏହି ରକ୍ତ ଦାନ ଶିବିରରେ ଅନେକ ଯୁବକ, ମହିଳା ସେଚ୍ଛାକୃତ ଭାବ ରେ ରକ୍ତ ଦାନ କରିଥିଲେ। ଆବାହକ, ମଧୁସୂଦନ ଦାଶ, ସାଇ ଜିଲ୍ଲା ଭଦ୍ରକ -୨ର ଜିଲ୍ଲା ସଭାପତି ବୃନ୍ଦାବନ ବେହେରା, ସତ୍ୟସାଇ ସେବା ସମିତି ବିନାୟକପୂର୍‌ର ଆବାହକ ଦିଲ୍ଲୀପ କୁମାର ବାରିକଙ୍କ ଉପସ୍ଥିତି ଓ ବକ୍ଷଗଦା ବିନାୟକ ପୁର ଗ୍ରାମବାସୀଙ୍କ ସହଯୋଗ କ୍ରମେ ସଫଳ ହୋଇ ଯାଇଛି ଏହି ରକ୍ତ ଦାନ ଶିବିର। ଏଥିରେ ମୋଟ ୮୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

# ଆଦର୍ଶ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

କେନ୍ଦ୍ରାପଡ଼ା, ୩୧/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଢୋଲ-ଜମରାସ୍ଥିତ ମା'ମଙ୍ଗଳା ଉଚ୍ଚ ବିଦ୍ୟାପୀଠର ଆଦର୍ଶ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓଷ୍ଟାର ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଉଦ୍‌ଘାଟନ କରିଥିବା ବେଳେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ରାଜ୍ୟ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ପ୍ରାକ୍ତନ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା, ଜିଲ୍ଲା ତଥା ରାଜ୍ୟ ଓଷ୍ଟା ପ୍ରାକ୍ତନ ସମ୍ପାଦକ ତୈଲୋକ୍ୟନାଥ ସ୍ୱାଇଁ, କେନ୍ଦୁଝର ଜିଲ୍ଲା ପ୍ରାକ୍ତନ ସମ୍ପାଦକ ଚିନ୍ତାମଣୀ ଜେନା, ଶିକ୍ଷା ପ୍ରଦୀପର ପ୍ରାକ୍ତନ ସମ୍ପାଦକ କାଳୀ ପ୍ରସାଦ ନାୟକ, ନିର୍ମଳ କୁମାର ନାୟକଙ୍କର ଛାତ୍ର ଜୀବନର ପ୍ରଧାନ ଶିକ୍ଷକ, ଅମଠପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ସବାନନ୍ଦ ରାଉତ, ଅନ୍ୟତମ ସମ୍ପାଦକ ନିର୍ମଳ କୁମାର ଜେନା, ଜିଲ୍ଲା ଓଷ୍ଟା ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବନବିହାରୀ ଦାସ, ଆନନ୍ଦପୁର ବ୍ଲକ ସଭାପତି ବିଜୟ କୁମାର ସୁର, ସମ୍ପାଦକ ପ୍ରଦୀପ କୁମାର ହଜାରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ଜିଲ୍ଲା ଓଷ୍ଟା ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ଛାତ୍ର ପ୍ରଫୁଲ୍ଲ କୁମାର ଭଦ୍ର, ସୁଧାଂଶୁ ଶେଖର ପରିଡା, ଶାନ୍ତନୁ କୁମାର ବରାଳ, ଦୀପକ କୁମାର ସେଠୀ, ପ୍ରାକ୍ତନ ଛାତ୍ରୀ ଧରିତ୍ରୀ ବରାଳ, ମୋନାଲିସା ବାରିକ, ରେଖାରାଣୀ ବରାଳଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ, କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରୁ ଆସିଥିବା ବ୍ଲକ ସମ୍ପାଦକ, ବ୍ଲକ ସଭାପତି, ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ କମିଟି ସଦସ୍ୟା ନାରୀନେତ୍ରୀ ସରୋଜିନୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ରିନାରାଣୀ ରାଉତ ପ୍ରମୁଖ ଯୋଗ ଦେଇ ନିର୍ମଳ କୁମାର ନାୟକ କେବଳ ଜଣେ କୃତୀ ବିଦ୍ୟ ପ୍ରଧାନ ଶିକ୍ଷକ ନଥିଲେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଢୋଲ-ଜମରା ନୁହେଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକ ମାଇଲ ଖୁଂଟ ହୋଇ ରହିଛନ୍ତି । ଏହି ସମାରୋହରେ ଶିକ୍ଷକ ନେତା ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ବୈଷ୍ଣବ ଚରଣ ଦାସ ଧନ୍ୟବାଦ ଦେଇଥିଲେ । ଉତ୍ସବକୁ ଟିଟିକାନ୍ତ ନାୟକ, ବଟକୃଷ୍ଣ ସାମଲ, ଚି ରଞ୍ଜନ ରାଉତ, ଅଜୟ କୁମାର ନାୟକ, ମନୋଜ କୁମାର ସାହୁ, ସଞ୍ଜୟ କୁମାର ନାୟକ, କିଶୋର କୁମାର ନାୟକ, ସନ୍ଧ୍ୟାରାଣୀ ବରାଳ, ରଞ୍ଜନ କୁମାର ବରାଳ, ଗିରିଶ ଜେନା, ଦିଗମ୍ବର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୩୧/୩ (ନି.ପ୍ର): ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ବିଷ୍ଣୁମୁଣ୍ଡା ସ୍ଥିତ ଅନ୍ନପୂର୍ଣ୍ଣା ନଗର ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡା. ଅଶୋକ କୁମାର ସେଠୀ ଯୋଗଦାନ କରିଥିଲେ । ସମିତିର ପ୍ରତିଷ୍ଠାତା ସଭାପତି ଏଲୋରା ମିଶ୍ର, ଉପ-ସଭାପତି ସିତାଂଶୁ ଶେଖର ନାଏକ, ସମ୍ପାଦକ ଦୁର୍ଗାଚରଣ ସାହୁ, ସହ-ସଂପାଦକ ଦେବାଶିଷ ମିଶ୍ର, ଉପଦେଷ୍ଟା ଦୁର୍ଯ୍ୟୋଧନ ନାଏକ, ସତ୍ୟବାନ ବେଦବାକ୍, ବିଭୁତି ମିଶ୍ର, ସଭ୍ୟ ସାଧୁରାମ ସାହୁ, ସଭ୍ୟା ସରିତା ସାହୁ, କବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


**LOST OF CERTIFICATE**

An affidavit before the Notary public Betnoti, Mayurbhanj. I, Kumari Suman Pani, aged about 28 years, D/o. Amulya Kumar Pani of Village- Kendua, P.O/ P.S.; Baisinga in the Dist. Mayurbhanj do hereby solemnly affirm and declare that My original certificate has been lost from my bag on dtd. 25.01.2024 at about 3.00 P.M. while I was going to Baisinga market for Xerox & Couldnot trace it. But I am giving reference of provisional Certificate Sl. No. BPC 180619845, Registration No. 1606260046 which is issued by Director Examinations BIJU PATNAIK UNIVERSITY OF TECHNOLOGY, ODISHA ROURKELA. So this Affidavit is sworn to be produced before the concerned authority of above institute for the purpose of issue of said duplicate certificate in favour of my name Kumari Suman Pani.

Kumari Suman Pani


# ସାଧାରଣ ନିର୍ବାଚନ ୨୦୨୪: ଗଣମାଧ୍ୟମ ପ୍ରମାଣନ ଏବଂ ଯାଞ୍ଚ ପାଇଁ ଜିଲ୍ଲାସ୍ତରୀୟ ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ

ବାରିପଦା , ୩୧/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ ଘୋଷଣା ଫଳରେ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ ହୋଇଛି । ଏଣୁ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାସ୍ତରରେ ଗଣମାଧ୍ୟମ ପ୍ରମାଣନ ଏବଂ ଯାଞ୍ଚ କମିଟି ବା ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ (ଏମସିଏମସି) ଗଠନ କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମସିଏମସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ସମ୍ମିଳନୀ କକ୍ଷ, ଯାହା ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ଭାବେ କାର୍ଯ୍ୟ କରୁଛି। ଏହି ସେଲର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ ପ୍ରମାଣନ, ଦେୟ ପ୍ରଦାନ କରାଯାଇଥିବା ଖବର (ପେଡ ନ୍ୟୁଜ) ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଉଲଙ୍ଘନ ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବ। ଯେକୌଣସି ପଞ୍ଜୀକୃତ ରାଜନୈତିକ ଦଳ / ଗୋଷ୍ଠି / ସଂଗଠନ / ବ୍ୟକ୍ତି ବିଶେଷାଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମ ସମେତ ବୈଦ୍ୟୁତିକ ଗଣମାଧ୍ୟମ ରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ। ପ୍ରାର୍ଥୀ ମାନଙ୍କର ପ୍ରାକ ସାର୍ଟିଫିକେସନ ଆବେଦନକୁ ଜିଲ୍ଲା ସ୍ତରୀୟ ଏମସିଏମସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜୀକୃତ ରାଜନୈତିକ ଦଳ ଗୁଡିକର ଆବେଦନ ରାଜ୍ୟ ସ୍ତରୀୟ ଏମସିଏମସି କମିଟି ଗ୍ରହଣ କରିବ । ପ୍ରତ୍ୟେକ ପଞ୍ଜୀକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନ ରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡିବ। ଅଣପଞ୍ଜୀକୃତ ମାନଙ୍କ ପାଇଁ ଏହା ୭ ଦିନ ରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବାକୁ ଆବଶ୍ୟକ । ବିଜ୍ଞାପନର ପ୍ରାକ ସାର୍ଟିଫିକେସନ ପାଇଁ ୨ ଟି ନକଲ ବୈଦ୍ୟୁତିକ ଆକାରରେ ଏବଂ ଉପଯୁକ୍ତ ଆଟେସଟେଡ ଟ୍ରାନସ୍କ୍ରିପ୍ଟ , ଉତ୍ପାଦନ ଖର୍ଚ୍ଚ , ଟିଭି କିମ୍ବା କେବୁଲ ନେଟୱାର୍କ ରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡିବ। ଯଦି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କରନ୍ତି ତେବେ ସେହି ବ୍ୟକ୍ତି ସପକ୍ଷରେ କହିବେ ଯେ , ଏହା କୌଣସି ଦଳ କିମ୍ବା ପାର୍ଥୀ ଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରାୟୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇନାହି । ସମସ୍ତ ଦେୟ ଚେକ କିମ୍ବା ଡ୍ରାଫଟ ମାଧ୍ୟମରେ ହେବ ବୋଲି ଏକ ବିବୃତି କିମ୍ବା ଘୋଷଣା ନାମା ଦେବେ । ଲୋକସଭା ପାର୍ଥୀ ଙ୍କ ଖର୍ଚ୍ଚ ୯୫ ଲକ୍ଷ ହେଇଥିବା ବେଳେ ବିଧାନସଭା ପାଇଁ ପାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ଜନପ୍ରତିନିଧି ଆଇନ ୧୯୫୧ ଧାରା ୭୭(୧)ଅନୁସାରେ, ପ୍ରତ୍ୟେକ ପାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖ ଠାରୁ ନିର୍ବାଚନ ଫଳାଫଳ ଯାଏଁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ଦ୍ୱାରା ନିର୍ବାଚିତ ଏଜେଣ୍ଟ ଦ୍ୱାରା ହୋଇଥିବା ଖର୍ଚ୍ଚର ହିସାବ ରଖିବା ଆବଶ୍ୟକ । ରାଜନୈତିକ ଦଳ ଗୁଡିକ ମଧ୍ୟ ନିଜର ନିର୍ବାଚନ ଖର୍ଚ୍ଚ ର ତାଲିକା ନିର୍ବାଚନ ଆୟୁକ୍ତଙ୍କ ନିକଟରେ ଦାଖଲ କରିବେ । ରାଜନୈତିକ ଦଳ ଗୁଡିକ ବିଧାନ ସଭା ପାଇଁ ୭୫ ଦିନ ଏବଂ ଲୋକ ସଭା ପାଇଁ ୯୦ ଦିନ ମଧ୍ୟରେ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ । ମୁଦ୍ରିତ ଗଣମାଧ୍ୟମ ରେ ଯଦି କୌଣସି ବିଜ୍ଞାପନ ପାର୍ଥୀଙ୍କ ଅସହମତିରେ ପ୍ରକାଶିତ ହୋଇଥାଏ ତେବେ ଆଇପିସି ଧାରା ୧୭୧ (ଏଚ) ଉଲଂଘନ ପାଇଁ ପ୍ରକାଶକ ଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯିବ । ସେହିପରି ଆରପି ଆକ୍ଟ ୧୯୫୧ ଧାରା ୧୨୭ (ଏ )ଅନୁସାରେ ସମସ୍ତ ନିର୍ବାଚନୀ ପାମ୍ଫଲେଟ , ପୋଷ୍ଟର, ବ୍ୟାଙ୍କ ବିଲ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକର ଙ୍କ ନାମ , ଠିକଣା ଓ ମୁଦିଲ କପି ର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତାମୂଳକ । ନାମାଙ୍କନ ପତ୍ର ରେ ପାର୍ଥୀ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଲେଖିବା ଆବଶ୍ୟକ । ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ପକ୍ଷରୁ, ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ (ଭା.ପ୍ର.ସେ.)ଙ୍କ ନିର୍ଦ୍ଦେଶ କ୍ରମେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର (ଓ.ପ୍ର.ସେ.)ଙ୍କ ତତ୍ତ୍ୱାବଧାନରେ ଏହି ଏମସିଏମସିର ଦାୟିତ୍ୱ ପ୍ରତିନିଧି ଜିଲ୍ଲାପାଳ ଡଃ ଶୁଭଙ୍କରୀ ସୁଦେଶନା ଦାଶ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କୁ ମିଳିଥିବା ବେଳେ, ଶ୍ରୀମତୀ ସାରିକା ପ୍ରଜାପତି, ରଶ୍ମି ରଞ୍ଜନ ମହାନ୍ତ, ସସ୍ମିତା ମଞ୍ଜରୀ ମହାନ୍ତ, ମମତା ମଞ୍ଜରୀ ଦଳନାୟକ, ଲଳିତରଞ୍ଜନ ନାଏକ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶ।

# ସାନ ଭାଇର ଟାଙ୍ଗିଆ ମାଡରେ ବଡ ଭାଇ ମୃତ

ସମ୍ବଲପୁର, ୩୧/୩ (ନି.ପ୍ର): ସାନ ଭାଇ ହାତରେ ବଡ ଭାଇର ମୃତ୍ୟୁ ଘଟିଛି । ଏଭଳି ଅପ୍ରତ୍ୟାଶିତ ଘଟଣା ଆଜି ସମ୍ବଲପୁର ମହାନଗର ୧ ନମ୍ବର ୱାର୍ଡ ଅନ୍ତର୍ଗତ ସାହାଜବାହାଲ ଠାରେ ଘଟି ଯାଇଛି । ବଡ ଭାଇ ବୀର ଭୁଏକୁ ତାର ସାନ ଭାଇ ସଞ୍ଜୟ ଭୁଏ ଦୀର୍ଘ ଦିନର କେନ୍ଦ୍ରିଭୂତ ରାଗ ସମ୍ବରଣ କରିନପାରି ବିଭତ୍ସ ଭାବେ ହତ୍ୟା କରିଛି । ବଡ ଭାଇ ବୀର ନିଘୋଡ଼ ନିଦରେ ଶୋଇଥିବା ଦେଖି ସଞ୍ଜୟ ଏକ ଟାଙ୍ଗିଆରେ କ୍ରମାଗତ ଆକ୍ରମଣ କରି ଲହୁଲୁହାଣ କରିବା ପରେ ଘଟଣାସ୍ଥଳରେ ବୀରର ମୃତ୍ୟୁ ହୋଇଥିବା ନେଇ ପ୍ରାରମ୍ଭିକ ସୂଚନା ମିଳିଛି। ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମସାରକୁ ପଠାଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

# ଜିଲ୍ଲା ଓବିସି ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଠିତ

ବଲାଙ୍ଗୀର, ୩୧/୩ (ନି.ପ୍ର): ଆଜି ରାଜେନ୍ଦ୍ର ପଡା ସ୍ଥିତ ଜିଲ୍ଲା ଓବିସି ମଂଚ ବଲାଙ୍ଗୀର କାର୍ଯ୍ୟାଳୟ ପରିସରରେ, ଶ୍ରୀ ମଲିଆ ଗଡୁଆ ଙ୍କ ଆବାହନ କ୍ରମେ ବଲାଙ୍ଗୀର ଜିଲ୍ଲାର ଓବିସି ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜ୍ୟ ଓବିସି ମଂଚ ଓଡ଼ିଶାର ସଭାପତି ଶ୍ରୀ ଶଙ୍କର ପାତ୍ର ଉପସ୍ଥିତ ସଦସ୍ୟ ମାନଙ୍କୁ ସମ୍ବୋଧନ କରି କହିଲେ, ଓଡ଼ିଶା ରେ ଓବିସି ମାନଙ୍କୁ ରାଜ୍ୟ ସରକାର ୦୦% ସଂରକ୍ଷଣ ଦେଉଛନ୍ତି। ଏସ୍ଇବିସି ନାମରେ ରାଜ୍ୟ ସରକାର ଯେଉଁ ୧୧.୨୫ ସଂରକ୍ଷଣ ଦେଉଛନ୍ତି, ତାହା ଓବିସି ସଂରକ୍ଷଣ ନୁହେଁ। ମଣ୍ଡଳ କମିସନ ଆଧାରରେ ଅନ୍ୟ ରାଜ୍ୟ ପରି ଓଡ଼ିଶାର ଓବିସି ମାନେ ମଧ୍ୟ ଶିକ୍ଷା, ଚାକିରି ଓ ରାଜନୀତି ରେ ୨୭% ସଂରକ୍ଷଣ ପାଇବା କଥା। ଓବିସି ମଂଚର ବାରମ୍ବାର ଦାବି ସତ୍ତ୍ୱେ, ସରକାର କିଛି ଶୁଣୁନାହାନ୍ତି। ଓବିସିଙ୍କୁ ଭକୁଆ ବନେଇ ଖାଲି ଓବିସି ଭୋଟ ହାତେଇବା ରେ ଲାଗିଛନ୍ତି। ଓବିସି ଜାତିର ଲୋକେ ସାମ୍ବିଧାନିକ ହକ ଅଧିକାର ପାଇବାକୁ ହେଲେ ବ୍ୟାପକ ଜନ ସଚେତନ ଲୋଡା। ସମାଜର ଶିକ୍ଷିତ ଓ ସଚେତନ ନାଗରିକ ହିସାବରେ ଓବିସି ବର୍ଗର ଆଗାମୀ ପିଢ଼ି ପାଇଁ, ଆପଣମାନେ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ପାତ୍ର ଅନୁରୋଧ କରିଥିଲେ। ଆଜି ସଭାରେ ସର୍ବସମ୍ମତିକ୍ରମେ କ୍ରମେ ଶ୍ରୀ ମଲିଆ ଗଡୁଆଙ୍କ ନେତୃତ୍ୱରେ ଶ୍ରୀ ଉମାକାନ୍ତ ପାତ୍ର, ଶ୍ରୀ ଦୁର୍ଗା ପ୍ରସନ୍ନ ଛୁରିଆ, ଶ୍ରୀ ବୈକୁଣ୍ଠ ସ୍ୱାଇଁ ଓ ଶ୍ରୀ ରାଧାକାନ୍ତ ସାହୁଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଗଲା। ବୈଠକରେ ସୁରେନ୍ଦ୍ର ନେଗୀ, ପ୍ରଦୀପ କୁମାର ସାହୁ,ଦଶରଥ ବାଗ, ଭକ୍ତ ବନ୍ଧୁ ନାଏକ, ପ୍ରେମାନନ୍ଦ ପଟେଲ, ଜୟ ଚନ୍ଦ୍ର ପଟେଲ୍, ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଂଚ ବଲାଙ୍ଗୀର ବାଲେଶ୍ୱର ପଟେଲ, ଦୟାନିଧି ନାୟକ, ଜୟଦେବ ବେହେରା, ଛାୟାକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓବିଶି ମଂଚ କୋଷାଧ୍ୟକ୍ଷ ଶ୍ରୀ ପ୍ରଦେଶୀ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

ସୋମବାର, ଏପ୍ରିଲ ୦୧, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଜେଡ଼ିରେ ସୁକାନ୍ତ: ଟିକେଟକୁ ନେଇ ଦମ୍ଭୋକ୍ତି ଦେଖାଇଲେ ସନ୍ତୋଷ

ନୀଳଗିରି , ୩୧/୩ (ନି.ପ୍ର): ରବିବାର ନୀଳଗିରିରେ ହାଇ ଭୋଲଟେଜ୍ ଡ୍ରାମା ଦେଖିବାକୁ ମିଳିଛି। ନୀଳଗିରି ବିଧାୟକ ସୁକାନ୍ତ ନାୟକ ପୂର୍ବାହ୍ନରେ ନିଜର ହଜାର ହଜାର ସମର୍ଥକଙ୍କ ସହ ନବୀନ ନିବାସରେ ବିଜେଡିରେ ଯୋଗ ଦେଇଥିବା ବେଳେ ସମାନ୍ତରାଳ ଭାବେ ନୀଳଗିରି ବିଜେଡିର ତୁଙ୍ଗ ନେତା ସନ୍ତୋଷ ଖଟୁଆ ନିଜ ଫାର୍ମହାଉସ ଠାରେ ହଜାର ହଜାର ସମର୍ଥକ ଏବଂ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ବିଶାଳ କର୍ମୀ ସମ୍ମିଳନୀ କରି ଶକ୍ତିପ୍ରଦର୍ଶନ କରିଥିଲେ। ଦୀର୍ଘଦିନ ଧରି ସୁକାନ୍ତ ନାୟକ ବିଜେଡ଼ିରେ ଯୋଗ ଦେଉଥିବା ନେଇ ଚର୍ଚ୍ଚାର ପୂର୍ଣ୍ଣଛେଦ ପଡ଼ିଥିଲା ବେଳେ ସନ୍ତୋଷ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉତ୍ତରରେ ସେ ବିଜେଡିର ଶୃଙ୍ଖଳିତ କର୍ମୀ, ଦଳ ଯାହା ନିର୍ଦ୍ଦେଶ ଦେବ ସେହି ଅନୁସାରେ କାମ କରିବେ ବୋଲି ପ୍ରକାଶ କରିଥିଲେ। ଦଳ ଛାଡୁଥିବା ପ୍ରଶ୍ନର ଉତ୍ତରରେ ଏହା ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ, ଆଧାରବିହୀନ ବୋଲି କହିଥିଲେ। ସଂଶୟରେ ଥିବା କର୍ମୀ ମାନଙ୍କୁ ଏଭଳି ଭିତ୍ତିହୀନ ତଥ୍ୟଠାରୁ ଦୂରେଇ ରହିବା ଏବଂ ଦଳ ଉପରେ ତାଙ୍କର ପୂର୍ଣ୍ଣ ଭରଷା ରହିଛି ବୋଲି ଦମ୍ଭୋକ୍ତୀ ଦେଖାଇଥିଲେ। ୨୦୧୯ମସିହାରେ ସେ ବିଜେଡିରେ ଯୋଗ ଦେଇଥିବା ସମୟରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ୩୦ପ୍ରତିଶତ ଭୋଟ ବ୍ୟବଧାନକୁ ବଢ଼ାଇଥିବା ବେଳେ ଗତ ପାଞ୍ଚବର୍ଷ ମଧ୍ୟରେ ବିଜେଡ଼ି ସଂଗଠନ ବୃଦ୍ଧି ପାଇବା ସହିତ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ହୋଇଛି। ଏଥି ସହିତ ତାଙ୍କ ନେତୃତ୍ୱରେ ସମସ୍ତ ବ୍ଲକ ଅଧକ୍ଷ, ଏନଏସି ଅଧକ୍ଷ, ଉପାଧକ୍ଷ, ୪ଟି ଜିଲ୍ଲାପରିଷଦ, ସମବାୟ ସମିତି ସଭାପତି, ଅଧିକାଂଶ ସରପଞ୍ଚ, ସମିତିସଭ୍ୟ ଜିତାଇଥିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ବିଧାୟକ ଟିକେଟ ତାଙ୍କ ସପକ୍ଷରେ ଯିବା ଉଚିତ୍ ବୋଲି ନିକଟତମ ସୂତ୍ରରୁ ପ୍ରକାଶ। ତେବେ ସୁକାନ୍ତ ନାୟକଙ୍କ ବ୍ୟକ୍ତିଗତ ଲୋକସମ୍ପର୍କ ସହିତ ସାଂଗଠନିକ ଦକ୍ଷତା ଏବଂ ସନ୍ତୋଷ ଖଟୁଆଙ୍କ ବିଜେଡ଼ି ଦଳ ପ୍ରତି ସମର୍ପିତ କାର୍ଯ୍ୟଧାରାକୁ ଆଧାର କରି ଦଳୀୟ ଟିକଟ କାହାକୁ ମିଳିବ ସମୟ କହିବ। ନୀଳଗିରି ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଥିବା ବେଳେ ବିଜେଡ଼ି ଦଳର ଦୁଇ ହେବିୱେଟ୍‌ଙ୍କ ମଧ୍ୟରୁ ସୁପ୍ରିମ କାହା ମୁଣ୍ଡରେ ସୁନାକଳସ ଢାଳୁଛନ୍ତି ଦେଖିବାକୁ ବାକି ରହିଲା।

# ଅଘଟଣ ବିହୀନ ନିର୍ବାଚନୀ ପରିଚାଳନା ଉପରେ ଗୁରୁତ୍ୱ

## ଜିଲ୍ଲାସ୍ତରୀୟ ପୋଲିସ୍ ଓ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ



ଭଦ୍ରକ, ୩୧/୩ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ - ୨୦୨୪ ଅବସରରେ ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଓ ୧ଟି ଲୋକସଭା ଆସନ ଲାଗି ହେବାକୁ ଥିବା ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଦିଗରେ ପ୍ରସ୍ତୁତି ଜୋରଦାର କରାଯାଉଛି ।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ପୋଲିସ୍ ଓ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏସ୍.ପି. ବରୁଣ ଗୁଣ୍ଟୁପାଲି, ୫ଜଣ ରିଟର୍ଣ୍ଣିଂ ଅଧିକାରୀ ଯଥା ଦୁଇ ଅତିରକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସମ୍ବିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଏବଂ ଦୁଇ ଏ.ଏସ୍.ପି. ବାମଦେବ ସିଂ ଓ ବିଜୟ ରଞ୍ଜନ କେରକେଟା ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ମତାମତ ରଖିଥିଲେ । ସଂପୃକ୍ତ ସମସ୍ତ ଥାନାଧିକାରୀ, ତହସିଲଦାର ଓ ବି.ଡ଼ି.ଓ. ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ଫ୍ଲାଇଂ ସ୍କାଡ୍ ଟିମ୍ ଓ ସର୍ଭେଲାନସ୍ ସ୍କାର୍ଡ଼ ଟିମ୍ ଦ୍ୱାରା ଅବୈଧ ଅର୍ଥ, ଅବକାରୀ ଆଦି ଜବତ୍, ଗତ ପଞ୍ଚାୟତ, ସାଧାରଣ ଓ ଉପ ନିର୍ବାଚନ ସମୟରେ ଘଟିଥିବା ନିର୍ବାଚନୀ ସମ୍ବନ୍ଧୀୟ ମୋକଦ୍ଦମା ଗୁଡ଼ିକର ସମାଧାନ, ଆଇନ୍ ଶୃଙ୍ଖଳା ରକ୍ଷା ନେଇ ପ୍ରତିଦିନ ତଥ୍ୟ ପ୍ରଦାନ, ସି.ଆର.ପି.ସି. ଧାରା ୧୦୭, ୧୦୯, ୧୧୦, ୧୪୪ ସଂକ୍ରାନ୍ତୀୟ ପ୍ରୋସିଡ଼ିଂସ୍ ର ଡ଼ିସ୍‌ପୋଜାଲ୍, ଲାଇସେନ୍ସ୍ ପ୍ରାପ୍ତ ଅସ୍ତ୍ରଶସ୍ତ୍ର ସରେଣ୍ଡର ନେଇ ନିଶ୍ଚିତତା, ଆଦର୍ଶ ଆଚରଣବିଧି ଓ ମତଦାନ ପାଇଁ ଜୋନାଲ ମାଜିଷ୍ଟ୍ରେଟ୍, ସେକ୍ଟର ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ମଧ୍ୟରେ ସମନ୍ୱୟ ରକ୍ଷା, ବାକି ଥିବା ସମସ୍ତ ଫୌଜଦାରୀ ମୋକଦ୍ଦମା ସମ୍ବନ୍ଧରେ ପୋଲିସ୍ ରିପୋର୍ଟ, ଅବୈଧ ଅବକାରୀ ପ୍ରସ୍ତୁତି, ବିକ୍ରୟ , ଅଣ ଅନୁମୋଦିତ ମଦ ଦୋକାନ ଉଚ୍ଛେଦ, ଆଦର୍ଶ ଆଚରଣ ବିଧି ଉଂଲ୍ଲଘନ ନେଇ ସାମାଜିକ ଗଣ ମାଧମରେ ଗୁଜବ ପ୍ରଚାର ଆଦି ସମ୍ବନ୍ଧରେ ଏହି ବୈଠକରେ ବିସ୍ତାର ଭାବେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପ୍ରତିକାର ପାଇଁ ଆବଶ୍ୟକ ମତେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସମସ୍ତ ବୁଥ୍ ବିଶେଷ କରି ସଖୀ ଓ ମିଳିତ ବୁଥ୍ ସବୁର ନିରାପତ୍ତା ଓ ପାନୀୟ ଜଳ, ଶୌଚାଳୟ, ରାମ୍ପ, ବିଦ୍ୟୁତ ସଂଯୋଗ, ହ୍ୱିଲ୍ ଚେୟାର ଆଦି ଭଳି ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ନେଇ ଯାଞ୍ଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି ସଖୀ ବୁଥରେ ସମସ୍ତ ପୋଲିସଂ ଅଧିକାରୀ ମହିଳା ଓ ମିଳିତ ବୁଥରେ ୩ୟ, ୪ର୍ଥ ଓ ୫ମ ପୋଲିଂ ଅଧିକାରୀ ମହିଳା ରହିବେ । ଏହି ପରିପ୍ରେକ୍ଷୀରେ ଡ଼ିସ୍‌ପରସାଲ ବା ମତଦାନ ପୂର୍ବଦିନ ମହିଳା ପୋଲିଂ ଅଧିକାରୀମାନଙ୍କ ରହିବା ପାଇଁ ବ୍ଲକ୍ ଓ ପୌରାଞ୍ଚଳ ସଦର ମହକୁମାରେ ଯେଉଁ ହବ୍ କରାଯିବ ସେଥିରେ ମଧ ସର୍ବନିମ୍ନ ସମସ୍ତ ମୌଳିକ ସୁବିଧା ଓ ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ ନେଇ ଯାଞ୍ଚ କରାଯିବ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧକ୍ଷତାରେ ଜିଲ୍ଲା ସ୍କ୍ରିନିଂ କମିଟିର ନିର୍ଦ୍ଦେଶମତେ ଜିଲ୍ଲାର ସମସ୍ତ ଲାଇସେନସ୍ ପ୍ରାପ୍ତ ଅସ୍ତ୍ରଶସ୍ତ୍ର ଓ ବନ୍ଧୁକ ଆଦି ସରେଣ୍ଡର ପାଇଁ ନୋଟିସ୍ ଜାରି କରାଯାଇ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଏ ସମ୍ବନ୍ଧରେ ତଦନ୍ତ ଓ ଆଇନ୍ ଖିଲାପକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ଆଇ.ଆଇ.ସି.ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ



ବାଲେଶ୍ୱର, ୩୧/୩ (ନି.ପ୍ର): ବାଲେଶ୍ୱର ଆଜି ଓଲନ୍ଦା ସାରେଗାଁ ପଂଚାୟତ ଅଧିନରେ ହିଂଜଳା ଗ୍ରାମରେ ଥିବା ହରେକୃଷ୍ଣ ଦାସ ଗାର୍ଲସ ଏକାଡେମୀ ର ସି ଏମ ସି ସଭାପତି ସୁବାସ ଚନ୍ଦ୍ର ଦାସ ଙ୍କ ଅଧକ୍ଷତାର ହରେକୃଷ୍ଣ ଦାସ ଗାର୍ଲସ ଏକାଡେମୀ, ଶିକ୍ଷାନୁଷ୍ଠାନ ପରିସରରେ ଆଦର୍ଶ ବିଗ୍ୟାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପୁଷ୍ଟି ଏବଂ ଶିକ୍ଷା କର୍ମଚାରୀ ଅବନ୍ତୀ ଦାସଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ କେନ୍ଦ୍ରର ସମସ୍ତ ଶିକ୍ଷକ ପାଖ ପଂଚାୟତ ବୁଆଁଳ ଏବଂ ଗୋପିନାଥପୁର ପଂଚାୟତର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭାଗବତ ମହାନ୍ତି ଏବଂ ହରି ପଦ ଭୂୟାଁ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଲନ୍ଦାପଂଚାୟତର ସରପଂଚ ଆରତୀ ଦାସ ଏବଂ ସମିତି ସଭ୍ୟା ରସ୍ମିତା ନାୟକ ମୁଖ୍ୟ ଅତିଥି ଭାବରେ, ସମ୍ମାନୀତ ଅତିଥି ଭାବରେ କବିତା ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଚାରୁଲତା ପ୍ରଧାନ ଶ୍ରୀଯୁକ୍ତ ସୁଧାକର ନାୟକ ଅନାଦି ଚରଣ ବାରିକ ମନ୍ମଥ ପାତ୍ର କୁମୁଦ ବଂଧୁ ନାୟକ ଆଦି ବିଶିଷ୍ଟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ସହ ବିଦାୟୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ପୁଷ୍ଟି ଏବଂ ଶିକ୍ଷା କର୍ମୀ ଅବନ୍ତୀ ଦାସ ଙ୍କ ମହନୀୟ ଗୁଣ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରେ ଗ୍ରାମ ବାସି ଏବଂ ଆଲମୁନି ଛାତ୍ରୀ ମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ଏବଂ ଶିକ୍ଷା କର୍ମୀଙ୍କୁ ଉପଢୋକନ ଏବଂ ମାନ ପତ୍ର ପ୍ରଦାନକରାଯାଇ ତାଙ୍କ ନିଜ ଗ୍ରାମକୁ ସଭିଏଁ ଛାଡିବା ପାଇଁ ଆସିଥିଲେ । ପରିଶେଷରେ ସଭିଙ୍କୁ ଗିତାନ୍ଜଳି ନାୟକ କୋହ ଭରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମିର୍ଜାପୁର ୟୁପି ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖଇରା, ୩୧/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ମିର୍ଜାପୁରସ୍ଥିତ କେସି ୟୁପି ସ୍କୁଲର କାର୍ଯ୍ୟରତ ପ୍ରଧାନଶିକ୍ଷକ ନରହରି ରାଉଳଙ୍କୁ ରବିବାର ଦିନ ବିଦ୍ୟାଳୟ ପରିସରରେ ସମୂହ ଗ୍ରାମବାସୀ ଓ ସହକାରୀ ଶିକ୍ଷକ ମାନଙ୍କ ତରଫରୁ ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କମଳାକାନ୍ତ ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆରସିସି ଗୌରାଙ୍ଗ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ବିଜୟ କୁମାର ଦ୍ୱିବେଦୀ,ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା, ଉଦୟ କୁମାର ପାତ୍ର,ସନ୍ତୋଷ କୁମାର ଦକ୍ଷିଣରାୟ ଓ ଜନାର୍ଦ୍ଦନ ସାମଲ,ପରିଚାଳନା କମିଟି ସଭାପତି ମିତାରାଣୀ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏନପିଏସ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା,ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟି,ଗ୍ରାମବାସୀ ଓ ଛତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା ।

# ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଆଜି

ଭୁବନେଶ୍ୱର, ୩୧/୩ (ନି.ପ୍ର): ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜୟଦେବ ଭବନରେ ପୂର୍ବାହ୍ନ ୧୦.୩୦ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହେବ। ସନ୍ଧ୍ୟା ୬ଟାରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବେ।

# ଇ-ନାମ ମଣ୍ଡିରେ ତରଭୁଜ ବିକ୍ରି କରି ଚାଷୀ ହେଲେ ଲାଭାନ୍ୱିତ



ବେତନଟୀ, ୩୧/୩ (ନି.ପ୍ର): ସରକାର ଙ୍କ ସମବାୟ ବିଭାଗ ଦ୍ୱାରା ପରିଚାଳିତ ଇ-ନାମ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ନିୟନ୍ତ୍ରିତ ବଜାର କମିଟି, ବେତନଟୀ ଇ-ନାମ ମଣ୍ଡି ମାଧ୍ୟମରେ ୨୧୯ ଗୋଟି କୃଷିଜାତ ଦ୍ରବ୍ୟ ଗୁଡ଼ିକ ର ବିକ୍ରୀ ବଟା ର ବ୍ୟବସ୍ଥା ରହିଅଛି। ଅଦ୍ୟ ତା ୩୧-୦୩-୨୦୨୪ ରିଖ ବେତନଟୀ ଇ-ନାମ ମଣ୍ଡିରେ ବୈଶିଙ୍ଗା ବ୍ଲକ ଅନ୍ତର୍ଗତ କଦଳିଆ ଗ୍ରାମର ଶ୍ରୀ ଜୟରାମ ପାଢ଼ୀ ଚାଷ କରିଥିବା ତରଭୁଜ କି.ଗ୍ରା.ପ୍ରତି ୧୧ ଏଗାର ଟଙ୍କା ହିସାବରେ ୧୮.୦୦ କ୍ୱିଣ୍ଟାଲ ବିକ୍ରି କରି ମୋଟ ୧୯୮୦୦.୦୦ ଟଙ୍କା ପାଇଛନ୍ତି। ଯାହା ବର୍ତ୍ତମାନ ର ଚାଲିଥିବା ବଜାର ମୂଲ୍ୟ ଠାରୁ ଅଧିକ ଥିବାର ସୁଚନା ମିଳିଛି। ଉକ୍ତ କୃଷିଜାତ ଦ୍ରବ୍ୟକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ ଇ ନାମ ପୋର୍ଟାଲ୍ ର ଆନ୍ତଃରାଜ୍ୟ ପ୍ରକ୍ରିୟା ମାଧ୍ୟମରେ କ୍ରୟ କରି ଅଛନ୍ତି । ଉକ୍ତ ଚାଷୀ ଇ-ନାମ ମାଧ୍ୟମରେ ବିକ୍ରି କରି ଅଧିକ ମୂଲ୍ୟ ପାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ଅଞ୍ଚଳର ଚାଷୀ ମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କୃଷିଜାତ ଦ୍ରବ୍ୟ ବିକ୍ରି କରି ଲାଭବାନ ହେବା ପାଇଁ ଅନୁରୋଧ କରିଛନ୍ତି। ସୂଚନା ଥାଉ କି ଘଟଣା ସ୍ଥଳରେ ବେତନଟୀ ଇ-ନାମ ମଣ୍ଡି ର ବିଶ୍ଳେଷକ ଶ୍ରୀ ଅମିତ କୁମାର ବେରା, ଡାଟାଏଣ୍ଟ୍ରି ଓପରେଟର ଶ୍ରୀ ଶାନ୍ତନୁ କୁମାର ସାହୁ, ଉଦଳା ଇ-ନାମ ମଣ୍ଡି ବିଶ୍ଳେଷକ ଶ୍ରୀ ବିନୀତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କିଣା ବିକା ପ୍ରକ୍ରିୟାକୁ ବେତନଟୀ ମଣ୍ଡି ର ସମ୍ପାଦକ ଶ୍ରୀ ସଦାନନ୍ଦ ମାରାଣ୍ଡି ଉପସ୍ଥିତି ରହି ପରିଚାଳନା କରିଥିଲେ।

# କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ପ୍ରେସ ଇସ୍ତାହାର: ଟିକେଟ ଆଶାୟୀ ନେଇ ସୂଚନା

ନୀଳଗିରି , ୩୧/୩ (ନି.ପ୍ର): ଆଗାମୀ ୨୦୨୪ସାଧାରଣ ନିର୍ବାଚନ ପାଇଁ ସମସ୍ତ ଦଳ ଚଳଚଞ୍ଚଳ ଥିବା ବେଳେ ବିଜେପି ଓ ବିଜେଡି ଦଳର ଆଶାୟୀ ପ୍ରାର୍ଥୀ ଦଳଡ଼ିଆଁ କରୁଥିବା ବେଳେ ନୀଳଗିରିରେ ବହୁ ସମସ୍ୟା ରହିଛି । ଏଥିପ୍ରତି ସେମାନଙ୍କର ଦୃଷ୍ଟି ନଥିବା ବେଳେ ନୀଳଗିରିରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି । କଂଗ୍ରେସ ଶାସନ କାଳରେ ଅକ୍ଷୟ ଆଚାର୍ଯ୍ୟଙ୍କ ବିଧାୟକ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଶିଳ୍ପ, ଗମନା ଗମନ, ନିଯୁକ୍ତି ଇତ୍ୟାଦି ବହୁ ଜନହିତକର କାର୍ଯ୍ୟ ସମ୍ଭବ ହୋଇଥିଲା । ପରବର୍ତ୍ତୀ ସମୟରେ ଯେଉଁ ଦଳ ଶାସନକୁ ଆସିଛନ୍ତି ସେପରି ଆଖି ଦୃଶିଆ କାର୍ଯ୍ୟ ହୋଇପାରିନାହିଁ। ତେଣୁ ନୀଳଗିରିବାସୀ ପୁନର୍ବାର କଂଗ୍ରେସର ପୁରୁଖାନେତା ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଦଳୀୟ ନେତା ଚାହୁଁଥିବା ନେଇ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ସଦାଶିବ ରଥ, ପ୍ରଫୁଲ୍ଲ ବେହେରା, ଶଶିକାନ୍ତ ସିଂ, ପ୍ରଫୁଲ୍ଲ ରାଉଳ, ଜୟନ୍ତ ଦାସ, ବିଶ୍ୱନାଥ ଦାସ, ଭାଗିରଥି ବେହେରା, କମଳାକାନ୍ତ ପରିଚ୍ଛା, ପର୍ଶୁରାମ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଶ୍ରୀଯୁକ୍ତ ଅକ୍ଷୟ ଆଚାର୍ଯ୍ୟ ଦଳ ତରଫରୁ ପ୍ରାର୍ଥୀ ଭାବେ ଦେଖିବାକୁ ଚାହୁଁଥିବା କହିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଉଦଳା, ୩୧/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟେର କାର୍ଯ୍ୟରତ ବରିଷ୍ଠ କିରାଣୀ ନିରୁପମା ହୋତା ଚଳିତ ମାର୍ଚ୍ଚ ୩୦ ତାରିଖ ଶନିବାର ଦିନ ଅବସର ଗ୍ରହଣ କରିଛନ୍ତି । ଏହି ଅବସରେର ମହାବିଦ୍ୟାଳୟ ପରିସରେର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବେର କାର୍ଯ୍ୟରତ ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧକ୍ଷତା କରିବା ସହିତ ସେଚାଟତା ଓ ସମୟାନୁବର୍ତିର୍ତାର ଗୁଣ ନିରୁପମାଙ୍କ କମର୍କ୍ଷେତ୍ରକୁ କିପରି ଶାଣିତ କରିଛି ସେ ସମ୍ପକର୍େ ବିସ୍ତୃତ ବଣ୍ଣର୍ନା କରିଥେ୍ଲ । ଅନ୍ୟମାନଙ୍କ ମଧେ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେର ଯୋଗ ଦେଇ ଆଜକୁ ୪୦ ବର୍ଷ ପୂେ୍ର୍ବ ନିରୁପମାଙ୍କୁ ଉକ୍ତ ମହାବିଦ୍ୟାଳୟର କିରାଣୀ ଭାବେର ସେ କିପରି ନିଯୁକ୍ତି ଦେଇଥେ୍ଲ ଓ ତାଙ୍କର ଅବସର ଗ୍ରହଣ ଉତ୍ସବେର ଆଜି ପୁଣି ଅତିଥି ଭାବେର ଯୋଗ ଦେଇଛନ୍ତି ଏହା ଏକ ଅପୁର୍ବ ସେଂଯାଗ ବୋଲି ବ୍ୟକ୍ତ କରିଥେ୍ଲ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ, ଶିକ୍ଷାବିତ ଗୀତା ଭୋଳ, ସେବା ନିବୃତ ପ୍ରାଧାପିକା ଡ଼େ.ଗୌରିଦାସ ମହାପାତ୍ର, ବିଜୟ କୁମାର ଦାସ, ଧୃବ ଚରଣ ବେେହରାଙ୍କ ସେମତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କମର୍ଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ନୃତ୍ୟ ସଂଗୀତ ଯୋଗ ଏକାଡେମୀ ଉଦ୍‌ଘାଟିତ



ବାଲିଆପାଳ , ୩୧/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପୁର ପଞ୍ଚାୟତର ଲତା ଯୋଡ଼ି ଠାରେ ସିଦ୍ଧି ବିନାୟକ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଅଭିନୟ, ଯୋଗ ଏକାଡେମୀର ଶୁଭ ଉଦ୍ଘାଟନ ହୋଇଛି। ଏହି ଉଦଘାଟନ ଉତ୍ସବରେ ଡଃ ଭଗବାନ ଭୂୟାଁଙ୍କ ସଭାପତିତ୍ୱ ରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୂଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ପୁରୁଷୋତ୍ତମ ପାତ୍ର, ମୂଖ୍ୟ ବକ୍ତା ଭାବେ ଯୋଗୀ କଲେଜର ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ରବିନ୍ଦ୍ର ଅଣ୍ଡିଆ, ସାମ୍ବାଦିକ ଶାନ୍ତନୁ ମହାପାତ୍ର, ରାଜୀବ ରାୟ ଅକ୍ଷୟ ବିଶ୍ୱାଳ,କାଳୀପଦ ପାଣିଗ୍ରାହୀ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ପିଲା ମାନଙ୍କର ନୃତ୍ୟ,ସଙ୍ଗୀତ ଯୋଗ, ଅଭିନୟ, ଚିତ୍ରକଳା ର ଦକ୍ଷତା ବୃଦ୍ଧି ପାଇଁ ଏହି ଏକାଡେମୀ ସହାୟକ ହୋଇପାରିବ ବୋଲି ଅଭିଭାଷଣରେ ମତ ବ୍ୟକ୍ତ କରିଥିଲେ। ଏହି ଏକାଡେମୀ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ଲୋପ ପାଇଯାଉ ଥିବା କଳାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ଏକାଡେମୀ ସ୍ଥାପିତ କରାଯାଇଛି ବୋଲି ମତପ୍ରକାଶ ପାଇଥିଲା। ଚିତ୍ତରଞ୍ଜନ ପତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ନୃତ୍ୟ ଗୁରୁ ରାଜକିଶୋର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଭଗିରଥ ମହାନ୍ତି, ଚନ୍ମୟ କୁମାର ମହାନ୍ତି, ବନଲତା ପଣ୍ଡା, ସ୍ନେହ ଲତା ସାମନ୍ତରାୟ, ଅଞ୍ଜଳୀ ଖଟୁଆ, ତୃପ୍ତି ଲତା ମହାନ୍ତି, ରିଣ୍ଟୁ ପିଲା, ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

# ବିଜେଡ଼ିରେ ଯୋଗଦେଲେ ବିଧାୟକ ସୁକାନ୍ତ ନାୟକ

ନୀଳଗିରି , ୩୧/୩ (ନି.ପ୍ର): ରବିବାର ନୀଳଗିରିରେ ହାଇ ଭୋଲଟେଜ ଡ୍ରାମା ଦେଖିବାକୁ ମିଳିଛି। ବିଧାୟକ ସୁକାନ୍ତ କୁମାର ନାୟକ ପୂର୍ବାହ୍ନରେ ନିଜର ହଜାର ହଜାର ସମର୍ଥକଙ୍କ ସହ ଶଙ୍ଖଭବନରେ ଯାଇ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ସୁକାନ୍ତ ନାୟକଙ୍କ ହଜାର ହଜାର ସମର୍ଥକ, ଶୁଭେଚ୍ଛୁ, କର୍ମୀ, ବିଭିନ୍ନ ପଞ୍ଚାୟତର ପୂର୍ବତନ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟ, ବିଜେପି ଦଳର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମାନ୍ୟବର ମନ୍ତ୍ରୀ ପ୍ରତାପ ଦେବ, ସାଂସଦ ସସ୍ମିତ୍ ପାତ୍ର, ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଶ୍ରୀଯୁକ୍ତ ଦେବ ବିଧାୟକଙ୍କୁ ଉତ୍ତରୀୟ ଦେଇ ଘର ବାହୁଡ଼ା କରିଥିଲେ। ପରେ ବିଧାୟକ ଶ୍ରୀଯୁକ୍ତ ନାୟକ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ତଥା ନବୀନ ଓଡ଼ିଶାର ଅଧକ୍ଷ ଭି. କେ ପାଣ୍ଡିଆନଙ୍କୁ ସାକ୍ଷାତ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo